Digitized by srujanika@gmail.com

ଏ ବହିରେ ଅଛି :

୧ । ଚଣ୍ଡାଳଘରଣୀ ପଦ୍ମାବତୀ ରାଣୀ
(ଉତ୍କଳର କିଂବଦନ୍ତୀ)

୨ । ବାଘବାଘୁଣୀଙ୍କ ପଟୁଆର
(କେରଳର କିଂବଦନ୍ତୀ)

୩ । କୁଡ଼ିଆଘରୁ ରଜାନଅର
(କଥାସରିତ୍‌ସାଗର ଗଳ୍ପ)

୪ । ମଣିଷ ଛୁଆର ଗଧିଆ ମା
(ରୋମ୍‌ର କିଂବଦନ୍ତୀ)

୫ । ସୁବର୍ଣ୍ଣ ବୀଣା
(ଗ୍ରୀସ୍ ଦେଶର କାହାଣୀ)

୬ । ମୁକୁଟର ସଙ୍ଗୀତ
(ଇଜିପ୍‌ଟର ଲୋକକଥା)

ଶିଶୁସାଥୀ ପୁସ୍ତକମାଳା—୩

ଛଅଟି ଗଛ ବାରଟି ଫୁଲ

ଲେଖକ : ରାମକୃଷ୍ଣ ନନ୍ଦ

ପୁନର୍ମୁଦ୍ରଣ : ୧୯୯୧

ପ୍ରକାଶକ : ଶୁଭକାନ୍ତ ନନ୍ଦ
ସୌଦାମିନୀ ପ୍ରକାଶନ
ସମାର ପ୍ରେସ୍, କଟକ-୯

ମୁଦ୍ରକ : ସମାର ପ୍ରେସ୍,
ତେଲେଙ୍ଗାବଜାର, କଟକ

ମୂଲ୍ୟ : ପାଞ୍ଚ ଟଙ୍କା

Digitized by srujanika@gmail.com

ଚଣ୍ଡାଳ ଘରଣୀ ପଦ୍ମାବତୀ ରାଣୀ

ପ୍ରତିବର୍ଷ ପୁରୀରେ ରଥଯାତ୍ରା ହୁଏ । ଶ୍ରୀଗୁଣ୍ଡିଚ୍ଚା ସମୟରେ ଜଗନ୍ନାଥ ମହାପ୍ରଭୁ ଯେତେବେଳେ ରଥ ଉପରକୁ ବିଜେ କରନ୍ତି, ପୁରୀ ରାଜା ତାଙ୍କ ଆଗେ ଆଗେ ସୁଗନ୍ଧ ଜଳ ଛିଞ୍ଚି ସୁନା ପହଁରିରେ ରଥ ଓଳେଇଦିଅନ୍ତି । ଏହାର ନାମ ଛେରାପହଁରା । ଏ ସମ୍ମାନ କେବଳ ପୁରୀ ରାଜା ଆଜଯାଏ ଭୋଗ କରି ଆସୁଛନ୍ତି ।

ଓଡ଼ିଶାର ନାମ ପୂର୍ବେ ଥିଲା କଳିଙ୍ଗ । ପୁରୀ ଥିଲା ଏହାର ରାଜଧାନୀ । ଥରେ କଳିଙ୍ଗର ଯୁବରାଜ ପୁରୁଷୋତ୍ତମ ଦେବ ରାଜ୍ୟ ଭିତରେ ବୁଲି ବୁଲି ବିଭିନ୍ନ ସ୍ଥାନ ଦେଖୁଥିଲେ । କଳିଙ୍ଗର ଦକ୍ଷିଣକୁ କାଞ୍ଚିରାଜ୍ୟ । ସେହି ରାଜ୍ୟର ସୀମାରେ ତମ୍ବୁ ପକାଇ ଦିନେ ସେ ଏକୁଟିଆ ବଣ ଭିତରେ ବୁଲୁଥିଲେ, ଏହି ସମୟରେ ଦୁଇଜଣ ଲୋକ ତାଙ୍କୁ ଅଟକାଇ କହିଲେ, "ଏଣେ କୁଆଡ଼େ ମାଡ଼ି ଆସୁଚୁରେ ମୂର୍ଖ । ତତେ କଣ ଜଣାନାହିଁ ଆମ ରାଜଜେମା ପଦ୍ମାବତୀ ଏ ବଣ ଭିତରେ ଅଛନ୍ତି ?" ଏହା କହି ସେ ଦୁହେଁ ଯୁବରାଜଙ୍କ ଦୁଇ ହାତକୁ ଧରି ପକାଇଲେ । ପୁରୁଷୋତ୍ତମ ଦେବ ତାଙ୍କର ଏ ଅଭଦ୍ର ବ୍ୟବହାରରେ ରାଗିଯାଇ ହାତକୁ ଛିଟି ଦେବାରୁ ସେ ଦୁହେଁ ତଳେ ପଡ଼ିଗଲେ । ତାପରେ ସେ ଦୁହିଁଙ୍କୁ ଗଛରେ ବାନ୍ଧି ଦେଇ ବଣଭିତରେ ଖୋଜି ଖୋଜି ସେ ପଦ୍ମାବତୀଙ୍କ ନିକଟରେ ପହଞ୍ଚିଲେ । ପଦ୍ମାବତୀ କାଞ୍ଚିରାଜାଙ୍କ ଝିଅ । ସେ ତାଙ୍କ ସଖୀମାନଙ୍କ ସଙ୍ଗରେ ବସିଥିଲେ । ସେଠାରେ ହଠାତ୍ ଜଣେ ଅଚିହ୍ନା ଯୁବକଙ୍କୁ ଦେଖି ସେ ଟିକିଏ ଶଙ୍କିଗଲେ; କିନ୍ତୁ ପୁରୁଷୋତ୍ତମ ଦେବ ତାଙ୍କୁ ନିଜର ପରିଚୟ ଦେଇ କହିଲେ, "ମୁଁ କଳିଙ୍ଗର ଯୁବରାଜ ପୁରୁଷୋତ୍ତମ ଦେବ । ତୁମର ଜଗୁଆଳି ଦୁଇଜଣ ମୋ ସଙ୍ଗେ ଅଭଦ୍ର ବ୍ୟବହାର କରିବାରୁ ମୁଁ ସେମାନଙ୍କୁ ଗଛରେ ବାନ୍ଧିଦେଇ ଆସିଛି । ସେଥିଲାଗି ମୁଁ ଦୁଃଖିତ ।"

ଯୁବରାଜ ଏହା କହି ସେଠାରୁ ଚାଲିଯିବା ପରେ ପଦ୍ମାବତୀ ଶୀଘ୍ର ଘରକୁ ଫେରିଯାଇ ତାଙ୍କର ପିତାମାତାଙ୍କୁ ସମସ୍ତ ଘଟଣା ଜଣାଇଲେ । କାଞ୍ଚିରାଜା ଝିଅଠାରୁ ପୁରୁଷୋତ୍ତମଙ୍କ ଭଦ୍ରତା ଏବଂ ବଳବିକ୍ରମର ପରିଚୟ ପାଇ ମନ୍ତ୍ରୀଙ୍କୁ ଆଦେଶ ଦେଲେ, "ଅତିଶୀଘ୍ର ଯାଇ କଳିଙ୍ଗର ଯୁବରାଜଙ୍କୁ ରାଜଧାନୀକୁ ଡାକିଆଣ । ସେ ଆମର ଅତିଥି, ପୁଣି ପଡ଼ୋଶୀ ରାଜକୁମାର । ତାଙ୍କର ଉପଯୁକ୍ତ ଚର୍ଚ୍ଚା ନ କରି ଏଠାରୁ ଛାଡ଼ିଦେଲେ ଭଲ ହେବନାହିଁ ।"

Digitized by srujanika@gmail.com



ରାଜାଙ୍କ ଆଦେଶରେ ମନ୍ତ୍ରୀ ବଣକୁ ଯାଇ ପୁରୁଷୋତ୍ତମ ଦେବଙ୍କୁ ସମ୍ମାନ ସହକାରେ ଡାକି ଆଣିଲେ । କାଞ୍ଚିରାଜା ଓ ରାଣୀଙ୍କ ସଙ୍ଗେ ଦେଖାହେଲା ମାତ୍ରେ ଯୁବରାଜ ତାଙ୍କୁ ନମସ୍କାର ଜଣାଇ କହିଲେ, "ଆପଣ ମୋତେ ଯେଉଁ ସମ୍ମାନ ଦେଇଛନ୍ତି, ସେଥିରେ ମୁଁ ଆନନ୍ଦିତ । ଆପଣଙ୍କ ରାଜ୍ୟଟି ଖୁବ୍ ସୁନ୍ଦର । ଆପଣଙ୍କ କନ୍ୟା ମଧ୍ୟ ଶାନ୍ତ, ଶିଷ୍ଟ ଓ ସୁନ୍ଦରୀ । ମୁଁ ଏଠୁ ଫେରିଗଲେ ବାପାଙ୍କୁ ସମସ୍ତ ବିଷୟ ଜଣାଇବି ।"

କାଞ୍ଚି ରାଜା ପୁରୁଷୋତ୍ତମ ଦେବଙ୍କର ଖୁବ୍ ସତ୍କାର କଲେ । ହସଖୁସିରେ କିଛିଦିନ କଟିଗଲା । ଦିନେ ଖବର ଆସିଲା ପୁରୀରାଜାଙ୍କର ପରଲୋକ ହୋଇଯାଇଛି । ଏ ଖବର ଶୁଣିବାମାତ୍ରେ ଯୁବରାଜ କାଞ୍ଚିରାଜା ଓ ରାଣୀଙ୍କଠାରୁ ବିଦାୟ ନେଇ ପୁରୀ ଚାଲି ଆସିଲେ ।

ପୁରୁଷୋତ୍ତମ ଦେବ ପୁରୀରେ ପହଞ୍ଚିବାପରେ ଅଭିଷେକ ଉତ୍ସବ ହେଲା ଏବଂ ତାଙ୍କ ମୁଣ୍ଡରେ ରାଜମୁକୁଟ ପିନ୍ଧାଇ ଦିଆଗଲା । ସେ ହେଲେ ଏଣିକି କଳିଙ୍ଗର ରାଜା ।

ପୁରୁଷୋତ୍ତମ ଦେବଙ୍କୁ ଦେଖିଲାଦିନୁ ପଦ୍ମାବତୀ ତାଙ୍କ ରୂପ ଓ ଗୁଣରେ ମୁଗ୍ଧ ହୋଇ ଯାଇଥିଲେ । ତାଙ୍କର ଇଚ୍ଛା ଥିଲା, ତାଙ୍କୁଇ ବିଭା ହୁଅନ୍ତେ । ରାଣୀ ଝିଅର ମନକଥା ଜାଣିପାରି ସ୍ୱାମୀଙ୍କ ଆଗରେ ସେ କଥା କହିବାରୁ ରାଜା ଖୁସି ହୋଇ କହିଲେ, "ପଦ୍ମା ଆମର ଉପଯୁକ୍ତ

Digitized by srujanika@gmail.com



ପାତ୍ର ମନେ ମନେ ବାଛୁଛି । କଳିଙ୍ଗରାଜାଙ୍କୁ ଜ୍ୱାଇଁରୂପେ ପାଇବା କମ୍ ସୌଭାଗ୍ୟର କଥା ନୁହେଁ । ମୁଁ ଅତିଶୀଘ୍ର ଏ ବିଷୟରେ ତତ୍ତ୍ୱ ନେବି ।” ରାଜା ବିଳମ୍ବ ନ କରି ମନ୍ତ୍ରୀଙ୍କୁ ଡକାଇ ପଠାଇଲେ ଏବଂ ତାଙ୍କୁ ଏହି ବିବାହ ପ୍ରସ୍ତାବ ନେଇ ପୁରୀ ଯିବାକୁ ଆଦେଶ ଦେଲେ ।

କାଞ୍ଚିମନ୍ତ୍ରୀ ପୁରୀରେ ପହଞ୍ଚି କଳିଙ୍ଗର ବୃଦ୍ଧ ମନ୍ତ୍ରୀଙ୍କୁ ନିଜ ଆସିବାର ଉଦ୍ଦେଶ୍ୟ ଜଣାଇଲେ । ରାଜାଙ୍କ ସଙ୍ଗେ କଥାବାର୍ତ୍ତା କରିସାରି ବୃଦ୍ଧ ମନ୍ତ୍ରୀ କହିଲେ; “ଏହା ଅତି ଉତ୍ତମ ପ୍ରସ୍ତାବ । ଆମ ରାଜାଙ୍କର ଏଥିରେ ଆପତ୍ତି ନାହିଁ । ତେବେ କାଞ୍ଚି ଫେରିଯିବା ପୂର୍ବରୁ ଆପଣ ଆଉ କିଛିଦିନ ରହି ଆମ ରଥଯାତ୍ରା ଦେଖି ଯାଆନ୍ତୁ, ଏହା ତାଙ୍କର ଇଚ୍ଛା ।” କାଞ୍ଚି ମନ୍ତ୍ରୀ ଏଥିରେ ରାଜି ହୋଇ ରଥଯାତ୍ରା ପର୍ଯ୍ୟନ୍ତ ଅପେକ୍ଷା କଲେ ।

ଆଜି ରଥଯାତ୍ରା । ପୁରୀ ବଡ଼ଦାଣ୍ଡ ଲୋକାରଣ୍ୟ । ରାଜା ପୁରୁଷୋତ୍ତମ ଦେବ ସୁନା ପହଁରି ମୂଠା ଧରି ‘ଛେରା ପହଁରା’ କରିବାକୁ ରଥ ଉପରେ ଠିଆ ହୋଇଛନ୍ତି । କାଞ୍ଚିମନ୍ତ୍ରୀ ଏପରି ଦୃଶ୍ୟ ଦେଖିବେ ବୋଲି ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ । ଘୃଣାରେ ମୁହଁକୁ ବିକୃତ କରି ସେ ଭାବିଲେ, “ଛି, ଛି ! ହାତରେ ଝାଡ଼ୁମୂଠା ଧରି କି ଚଣ୍ଡାଳର କାର୍ଯ୍ୟ କରୁଛନ୍ତି ଏ ରାଜା !’

Digitized by srujanika@gmail.com

କାଞ୍ଚି ଫେରିଯାଇ ସେ ଯାହା ଯାହା ଦେଖିଲେ ରାଜାଙ୍କ ଆଗରେ ବର୍ଣ୍ଣନା କଲେ । ଶେଷରେ କହିଲେ, "ମହିମା ! ଆମ ଜେମା କଣ ଏଇ ଝାଡ଼ୁଦାର ରାଜାକୁ ବିବାହ କରିବେ ?" ରାଜା ବି ଅଖାଡ଼ୁ ବୁଝିଲେ । କହିଲେ, "ନା, କଦାପି ନୁହେଁ । ମୁଁ ଏକଥା ଜାଣି ନ ଥିଲି । ତୁମେ କଳିଙ୍ଗରାଜାକୁ ଚିଠି ଲେଖି ଜଣାଇଦିଅ । ବିବାହ ପ୍ରସ୍ତାବ ଭାଙ୍ଗିଗଲା ।"

ଚିଠି ପାଇ ପୁରୀର ବୃଦ୍ଧ ମନ୍ତ୍ରୀ ବହୁତ ମନ ଦୁଃଖ କଲେ । ସେ ବିଚାରିଲେ ନିଜେ ଯାଇ କାଞ୍ଚିରାଜାଙ୍କୁ କଥାଟା ବୁଝାଇଦେବେ । ଏହା ଭାବି ସେ କାଞ୍ଚି ଗଲେ ଏବଂ ରାଜାଙ୍କୁ ଭେଟି କହିଲେ, "ମହିମା, ଆପଣ ଛେରାପହଁରାର ପ୍ରକୃତ ଅର୍ଥ ବୁଝି ପାରିନାହାନ୍ତି । ଏଥିରୁ ଲୋକମାନେ ଗୋଟିଏ ବଡ଼ କଥା ଶିକ୍ଷା କରନ୍ତି ।"

"କି ଶିକ୍ଷା ?" କାଞ୍ଚିରାଜା ପଚାରିଲେ । ବୃଦ୍ଧ ମନ୍ତ୍ରୀ କହିଲେ, "ଲୋକେ ସାଧାରଣତଃ ଭାବନ୍ତି ରାଜା ସମସ୍ତଙ୍କଠାରୁ ବଡ଼ । କିନ୍ତୁ ସେହି ରାଜା ଯେତେବେଳେ ଝାଡ଼ୁ ଧରି ଠାକୁରଙ୍କ ରଥ ସଫା କରନ୍ତି ସେତେବେଳେ ସେମାନେ ବୁଝନ୍ତି ପ୍ରଭୁ ଜଗନ୍ନାଥହିଁ ସବୁଠାରୁ ବଡ଼ ।" ଏଥିରେ କିନ୍ତୁ କାଞ୍ଚିରାଜାଙ୍କ ମନ ବୁଝିଲା ନାହିଁ । ସେ ବିବାହ ପ୍ରସ୍ତାବରେ ରାଜି ନ ହେବାରୁ ବୃଦ୍ଧ ମନ୍ତ୍ରୀ ହତାଶ ମନରେ ପୁରୀ ଫେରି ଆସିଲେ ।

ବିବାହ ଭାଙ୍ଗିଯିବା ଖବର ଶୁଣି ପଦ୍ମାବତୀଙ୍କ ମନରୁ ସବୁ ସୁଖ ଉଭେଇଗଲା । ତାଙ୍କୁ ଖୁସି କରିବା ପାଇଁ ରାଜା ଏକ ଉପାୟ ପାଞ୍ଚିଲେ । ମନ୍ତ୍ରୀଙ୍କୁ କହିଲେ, "ପଦ୍ମାବତୀର ସ୍ୱୟମ୍ବର ଆୟୋଜନ କର । ସବୁ ରାଜାଙ୍କ ପାଖକୁ ନିମନ୍ତ୍ରଣ ପଠାଇବ, କିନ୍ତୁ ସାବଧାନ, ସେ ଚଣ୍ଡାଳରାଜାକୁ ଡାକିବ ନାହିଁ ।" ସ୍ୱୟମ୍ବର କଥା ଶୁଣି ପଦ୍ମାବତୀ ଖୁସି ହେବେ କଣ, ଆହୁରି ଦୁଇଗୁଣ ଦୁଃଖରେ ଭାଙ୍ଗିପଡ଼ିଲେ ।

ଏଣେ ମନ୍ତ୍ରୀଙ୍କଠାରୁ ସମସ୍ତ ବୃତ୍ତାନ୍ତ ଶୁଣି ପୁରୁଷୋତ୍ତମ ଦେବ ସ୍ଥିର କଲେ ଯୁଦ୍ଧରେ କାଞ୍ଚିରାଜାଙ୍କୁ ପରାସ୍ତ କରି ଅପମାନର ପ୍ରତିଶୋଧ ନେବେ । କିନ୍ତୁ ତାହା ହୋଇପାରିଲା ନାହିଁ । ଛାଉଣୀରେ ନିଆଁ ଲାଗିଯିବାରୁ କଳିଙ୍ଗସେନା ବାଧ୍ୟ ହୋଇ ଯୁଦ୍ଧଭୂମିରୁ ଫେରିଆସିଲେ ।

ଦୁଃଖ ଓ ନୈରାଶ୍ୟରେ ଅଧୀର ହୋଇ ପୁରୁଷୋତ୍ତମ ଦେବ ଶେଷରେ ଜଗନ୍ନାଥଙ୍କ ଆଗରେ ଧାରଣା ଦେଲେ । ସେ ପ୍ରାର୍ଥନା କଲେ, "ହେ ଚକାଡୋଳା ! ମୁଁ ଏବଂ ମୋର ବଂଶଧରମାନେ ଚିରକାଳ ରଥ ଉପରେ ଛେରାପହଁରା କରନ୍ତୁ—ଏ ସୌଭାଗ୍ୟ ମତେ ସବୁ କାଳେ ମିଳୁ, କିନ୍ତୁ କାଞ୍ଚିରାଜାର ଅପମାନ ମୁଁ ସହିପାରିବି ନାହିଁ ।"

Digitized by srujanika@gmail.com

ଶେଷରେ ରାଜା ଦିନେ ସ୍ୱପ୍ନ ଦେଖିଲେ—ପ୍ରଭୁ ଜଗନ୍ନାଥ ତାଙ୍କୁ କହୁଛନ୍ତି, ''ଉଠ୍ ବତ୍ସ ! ଯୁଦ୍ଧରେ ସେ ଅବିଶ୍ୱାସୀ ରାଜାକୁ ଉଚିତ ଶିକ୍ଷା ଦେ । ମୁଁ ତତେ ସାହାଯ୍ୟ କରିବି ।'

ରାଜାଙ୍କର ନିଦ ଭାଙ୍ଗିଗଲା । ଏଥର ତାଙ୍କ ମନରେ ଅପୂର୍ବ ସାହସ ଏବଂ ଶରୀରେ ସିଂହର ବଳ ଆସିଲା । ସଙ୍ଗେ ସଙ୍ଗେ ସେନାପତିଙ୍କୁ ଡକାଇ ସେ ଯୁଦ୍ଧର ଆୟୋଜନ କଲେ ଏବଂ ସୈନ୍ୟସାମନ୍ତ ଧରି ଚାଲିଲେ କାଞ୍ଚିରାଜ୍ୟ ଆଡ଼କୁ ।

ମାଣିକ ଗଉଡ଼ୁଣୀ ରାସ୍ତାକଡ଼ରେ ବସି ଦହି ବିକୁଥିଲା । ରାଜା ଆସୁଥିବାର ଦେଖି ସେ ଠିଆ ହୋଇ ପଡ଼ିଲା ଏବଂ ତାଙ୍କୁ ମୁଦିଟିଏ ଦେଖାଇ କହିଲା, ''ପୁଅ, ଏ ମୁଦିଟି ରଖି ମତେ ଦହିର ଦାମ ଦେଇଯାଅ ।''

ରାଜା କିଛି ବୁଝି ନ ପାରି ଆଶ୍ଚର୍ଯ୍ୟ ହୋଇ ମାଣିକ ମୁହଁକୁ ଚାହିଁବାରୁ ସେ କହିଲା, ''ପୁଅ, ମତେ ଅବିଶ୍ୱାସ କରୁଛ କି ? ମୋ ନାଁ ମାଣିକ । ଏଇ ଗାଁରେ ମୋର ଘର । ତୁମର କିଏ ଦୁଇଜଣ ଲୋକ ଧଳା ଘୋଡ଼ା କଳା ଘୋଡ଼ାରେ ଚଢ଼ି ଏଇ ଆଗେ ଆଗେ ଗଲେ । ସେ ମୋଠାରୁ ଦହି ଖାଇଲେ । ପଇସା ମାଗିବାରୁ ଏ ମୁଦିଟି ଦେଇ କହିଲେ—ପଛରେ ଯେ ଆସୁଛନ୍ତି ତାଙ୍କୁ ମୁଦିଟି ଦେଲେ ସେ ପଇସା ଦେବେ ।''

Digitized by srujanika@gmail.com

ରାଜା ଦେଖିଲେ ସେଇଟି ଜଗନ୍ନାଥ ମହାପ୍ରଭୁଙ୍କ ରତ୍ନମୁଦି । 'ତାହାହେଲେ ଜଗନ୍ନାଥ ବଳଭଦ୍ର ଦୁଇ ଭାଇ ନିଶ୍ଚୟ ଯୁଦ୍ଧରେ ମୋତେ ସାହାଯ୍ୟ କରିବାକୁ ଆଗେ ଆଗେ ଯାଉଛନ୍ତି ।' ଆନନ୍ଦରେ ଅଧୀର ହୋଇ ରାଜା ମାଣିକହାତରୁ ମୁଦିଟି ନେଇ କହିଲେ, "ତୁ ବଡ଼ ଭାଗ୍ୟବତୀ ମାଣିକ । ମହାପ୍ରଭୁଙ୍କୁ ଆଖିରେ ଦେଖିଲୁ । ଆଜିଠାରୁ ଏ ଗାଁଟି ତୋର ଏବଂ ତୋ ନାଁ ଅନୁସାରେ ଏହାର ନାଁ ହେଲା ମାଣିକପାଟଣା ।" ଏହା କହି ଘୋଡ଼ା ଛୁଟାଇ ରାଜା ଚାଲିଗଲେ ।

କଳିଙ୍ଗସୈନ୍ୟ ଓ କାଞ୍ଚିସୈନ୍ୟଙ୍କ ମଧ୍ୟରେ ଘୋର ଯୁଦ୍ଧ ହେଲା, କିନ୍ତୁ ପ୍ରଭୁ ଜଗନ୍ନାଥ ଯାହାର ସାହା, ତାକୁ କିଏ ହରେଇପାରିବ ? କଳିଙ୍ଗସୈନ୍ୟ ଖୁବ୍ ଶୀଘ୍ର କାଞ୍ଚିଗଡ଼ ଘେରିଉ କରି ନଅରଭିତରେ ପଶିଗଲେ । ପୁରୁଷୋତ୍ତମ ଦେବ ଆଦେଶ ଦେଲେ, "ରାଜାଙ୍କୁ ଭଦ୍ରତାସହକାରେ ଏଠାକୁ ଘେନିଆସ; କିନ୍ତୁ ଦେଖ, ଅନ୍ୟମାନଙ୍କ ପ୍ରତି କୌଣସି ଖରାପ ବ୍ୟବହାର କରିବ ନାହିଁ ।"

ପୁରୁଷୋତ୍ତମ ଦେବଙ୍କ ଆଗରେ ଠିଆ ହୋଇ କାଞ୍ଚିରାଜା ପଚାରିଲେ, "ମୋତେ କଣ କରୁଛ ?"

"କିଛି କରୁନାହିଁ । ଆପଣଙ୍କୁ ମୁକ୍ତି ଦେଲି, କିନ୍ତୁ ଆପଣଙ୍କ କନ୍ୟାକୁ ନେଇଯିବି ଏବଂ ଜଣେ ଚଣ୍ଡାଳ ସଙ୍ଗେ ତାକୁ ବିବାହ କରାଇଦେବି ।" ଏହା ଶୁଣି କାଞ୍ଚିରାଜାଙ୍କ ମୁଣ୍ଡରେ ସତେ ଯେମିତି ବଜ୍ର ପଡ଼ିଲା । ତାଙ୍କ ପାଟିରୁ ବାହାରିପଡ଼ିଲା—'ଓଃ ଭଗବାନ୍ !' ବନ୍ଦିନୀ ପଦ୍ମାବତୀଙ୍କୁ ସାଙ୍ଗରେ ଧରି ପୁରୁଷୋତ୍ତମ ଦେବ ପ୍ରଫୁଲ୍ଲମନରେ ପୁରୀ ଫେରିଲେ ।

ବିଜୟ ଉତ୍ସବର ଧୂମ୍‌ଧାମ୍‌ରେ ପୁରୀସହର କମ୍ପି ଉଠିଲା । କେବଳ ଜଣକ ଛଡ଼ା ସମସ୍ତେ ଆନନ୍ଦରେ ବିଭୋର । ବୃଦ୍ଧ ମନ୍ତ୍ରୀଙ୍କୁ ଡାକି ରାଜା କହିଲେ, "ମନ୍ତ୍ରୀ ! ପଦ୍ମାବତୀପାଇଁ ଗୋଟାଏ ଚଣ୍ଡାଳ ବରପାତ୍ର ଖୋଜ ।" ମନ୍ତ୍ରୀଙ୍କ ମୁହଁ ଶୁଖିଗଲା । 'କି ନିଷ୍ଠୁର କାର୍ଯ୍ୟ ମତେ କରିବାକୁ ହେବ !' ରାଜାଙ୍କୁ କହିଲେ, "ମହିମା ! ମୋର ଅନୁରୋଧ ରକ୍ଷା କରି ଏ ଆଦେଶ ବଦଳାନ୍ତୁ ।"

"ନା, ମୁଁ ଯାହା କହୁଛି, ତାହା ହେବ । ବରପାତ୍ର ଖୋଜିବାକୁ ତୁମକୁ ଏକମାସ ସମୟ ଦେଲି ।" ରାଜାଙ୍କ ଆଦେଶ ଶୁଣି ମନ୍ତ୍ରୀ ଉତ୍ତର ନ ଦେଇ ଦୁଃଖିତ ମନରେ ଫେରିଲେ । ବାଟଯାକ ଡାକୁଥାନ୍ତି, "ହେ ପ୍ରଭୁ ଜଗନ୍ନାଥ ! ମତେ ବୁଦ୍ଧି ଦିଅ, ପ୍ରଭୁ ।" ଦିନରାତି ତାଙ୍କର ସେଇ ଗୋଟିଏ ଚିନ୍ତା—"ଚଣ୍ଡାଳ ବରପାତ୍ର କେଉଁଠି ପାଇବି ?"

Digitized by srujanika@gmail.com

ନଅର ଭିତରେ ପଦ୍ମାବତୀ ମଧ୍ୟ ଏ କଥା ଶୁଣିଲେ । ତାଙ୍କ ଆଖିରୁ ଲୁହଧାର ଶୁଖିଲା ନାହିଁ । 'ହାୟ ! କି ପୋଡ଼ା କପାଳ ମୋର ! ଯେଉଁ ନଅରରେ ରାଣୀ ହେବ ବୋଲି ଦିନେ ସ୍ୱପ୍ନ ଦେଖିଥିଲି, ସେଠି···' —ସେ ଆଉ ଭାବିପାରିଲେ ନାହିଁ । ଛାତି ଫାଟିଗଲାପରି ତାଙ୍କୁ ଲାଗିଲା ।

ବର୍ଷକପରେ ବଡ଼ଦାଣ୍ଡ ପୁଣି ଜମି ଉଠିଛି । ଆଜି ରଥଯାତ୍ରା, କିନ୍ତୁ ପଦ୍ମାବତୀଙ୍କ ମନରେ ସୁଖ ନାହିଁ । ଚଣ୍ଡାଳ ସଙ୍ଗେ ବିବାହ ! ତା ଅପେକ୍ଷା ମରଣ ବରଂ ଶତଗୁଣରେ ଭଲ । ସେ ଏହିପରି ଭାବୁଥିଲାବେଳେ ତାଙ୍କ ଘରଭିତରକୁ ପଶି ଆସି ବୃଦ୍ଧ ମନ୍ତ୍ରୀ କହିଲେ, "ମୋ ସାଥିରେ ଆସ ମା । ମାସର ଶେଷ ଦିନ ଆଜି । ଯେ କୌଣସିମତେ ତୁମର ବିବାହ ମତେ ଆଜି ଶେଷ କରିବାକୁ ହେବ ।"

ପଦ୍ମାବତୀଙ୍କ ଛାତି ଥରିଉଠିଲା । ଲୁହରେ ପୂରିଗଲା ତାଙ୍କର ଉଜ୍ଜ୍ୱଳ ଆଖି ଦୁଇଟି । ବୃଦ୍ଧ କହିଲେ, "ମୋତେ କ୍ଷମା କର ମା । ମୁଁ ହୁକୁମର ଚାକର । କଣ କରିବି ? ଆସ, ଆଉ ଡେରି କରନା ମା ।" ଦାସୀମାନେ ବେଶ କରି ପଦ୍ମାବତୀଙ୍କୁ ସବାରିରେ ବସାଇଦେଲେ । ସବାରି ଚାଲିଲା ବଡ଼ଦାଣ୍ଡରେ ବୃଦ୍ଧ ମନ୍ତ୍ରୀଙ୍କ ପଛେ ପଛେ ।

ଆଗରେ ମହାପ୍ରଭୁଙ୍କ ରଥ । ପୁରୁଷୋତ୍ତମ ଦେବ ହାତରେ ସୁନା ପହଁରା ଧରି ରଥଉପର

Digitized by srujanika@gmail.com

ଓଳାଉଛନ୍ତି । ଶଙ୍ଖ, କାହାଳୀ ଓ ହୁଳହୁଳି ଶବ୍ଦରେ ବଡ଼ଦାଣ୍ଡ ଉଚ୍ଛୁଳି ପଡ଼ୁଛି । ଛେରାପହଁରା କାମ ସାରି ରାଜା ଠିଆ ହେବାମାତ୍ରେ ବୃଦ୍ଧ ମନ୍ତ୍ରୀ ଆଗେଇଯାଇ ଡାକିଲେ, "ମହିମା !"

ରାଜା ପଚାରିଲେ, "କି ଖବର, ମନ୍ତ୍ରୀ ?"

ମନ୍ତ୍ରୀ କହିଲେ, "କାଞ୍ଚିଜେମାଙ୍କ ପାଇଁ ଜଣେ ଚଣ୍ଡାଳ ବରପାତ୍ର ଯୋଗାଡ଼ କରିଛି, ମହିମା ।" ତା ପରେ ରାଜାଙ୍କ ଆଡ଼କୁ ହାତ ଦେଖାଇ ପଦ୍ମାବତୀଙ୍କୁ କହିଲେ, "ମା, ଏଇ ତୁମର ଯୋଗ୍ୟ ଚଣ୍ଡାଳ ବର । ୟାଙ୍କର ଗଳାରେ ବରଣମାଳା ଦିଅ ମା । ପଦ୍ମାବତୀ ଡରି ଡରି ରାଜାଙ୍କ ଗଳାରେ ବରଣମାଳା ଲମ୍ବାଇଦେଲେ ।

"ଏ କଣ କଲ ମନ୍ତ୍ରୀ ?" ରାଜା ଆଶ୍ଚର୍ଯ୍ୟ ହୋଇ ବୃଦ୍ଧଙ୍କ ମୁହଁକୁ ଚାହିଁବାରୁ ସେ ହସି ହସି ଉତ୍ତର ଦେଲେ, "ମୁଁ ଆପଣଙ୍କ ଆଦେଶ ଅମାନ୍ୟ କରିନାହିଁ; ମହାରାଜ । ବର୍ତ୍ତମାନ ଆପଣ ଚଣ୍ଡାଳର କାର୍ଯ୍ୟ କରୁନାହାନ୍ତି କି ?"

ରାଜାଙ୍କର କହିବାକୁ ଆଉ କିଛି ନ ଥିଲା । ସେ କେବଳ ମନ୍ତ୍ରୀଙ୍କ ମୁହଁକୁ ଚାହିଁ ରହିଥିଲେ । ପଦ୍ମାବତୀଙ୍କ ମୁହଁରେ ଏତେବେଳେ ହସ ଫୁଟିଉଠିଲା । ସମସ୍ତଙ୍କ ତୁଣ୍ଡରେ ଚତୁର ମନ୍ତ୍ରୀଙ୍କର ପ୍ରଶଂସା । ବଡ଼ଦାଣ୍ଡରେ ଜମାହୋଇଥିବା ଅସଂଖ୍ୟ ଭକ୍ତଙ୍କ କଣ୍ଠରୁ ଶୁଣାଯାଉଥିଲା— "ଜୟ ପ୍ରଭୁ ଜଗନ୍ନାଥ ! ଜୟ ରାଜା ପୁରୁଷୋତ୍ତମ ! ଜୟ ରାଣୀ ପଦ୍ମାବତୀ !"

Digitized by srujanika@gmail.com

ବାଘବାଘୁଣୀଙ୍କ ପଟୁଆର

କେରଳ ରାଜ୍ୟର ଶବରୀ ପାହାଡ଼ ଉପରେ ଗୋଟିଏ ମନ୍ଦିର ଅଛି । ପ୍ରତିବର୍ଷ ମକରସଂକ୍ରାନ୍ତି ଦିନ ସେଠାରେ ଗୋଟାଏ ବଡ଼ ମେଳା ବସେ । ହଜାର ହଜାର ଭକ୍ତ ସେଦିନ ଭୋକଶୋଷ ଭୁଲି ଘୋର ଜଙ୍ଗଲଭିତରେ ଚାଲି ଚାଲି ସେ ପାହାଡ଼ ଉପରକୁ ଉଠନ୍ତି ମଣିକଣ୍ଠ ମହାପ୍ରଭୁଙ୍କୁ ଦର୍ଶନ କରିବାପାଇଁ । ମଣିକଣ୍ଠ ଏକ ପ୍ରତ୍ୟକ୍ଷ ଦେବତା । ତାଙ୍କ ମହିମା ବିଷୟରେ ଗୋଟିଏ ସୁନ୍ଦର ଗଳ୍ପ ଅଛି ।

ବହୁ ପୂର୍ବକାଳରେ ମହିଷାସୁର ସେହି ବଣଭିତରେ ବ୍ରହ୍ମାଙ୍କୁ ତପସ୍ୟା କରୁଥିଲା । ବ୍ରହ୍ମା ତା ତପସ୍ୟାରେ ସନ୍ତୁଷ୍ଟ ହୋଇ କହିଲେ, "ତୁ କି ବର ମାଗୁଛୁ ମାଗ ।" ଅସୁର କହିଲା "ପ୍ରଭୁ, ମତେ ଏହି ବର ଦିଅ ଯେ—କୌଣସି ପୁରୁଷ ଲୋକ ମତେ ମାରିପାରିବ ନାହିଁ ।" ବ୍ରହ୍ମା "ତଥାସ୍ତୁ" କହି ସ୍ଵର୍ଗକୁ ଚାଲିଗଲେ । ବର ପାଇ ମହିଷାସୁର ଅତି ଦୁର୍ଦ୍ଦାନ୍ତ ହୋଇ-ଉଠିଲା । ସେ ଆଉ ଇନ୍ଦ୍ରଚନ୍ଦ୍ର ମାନିଲା ନାହିଁ । ତା ଅତ୍ୟାଚାରରେ ପୃଥିବୀର ଲୋକେ ହାହି ହାହି ଡାକ ଛାଡ଼ିଲେ । ସ୍ଵର୍ଗ ମର୍ତ୍ତ୍ୟ ପାତାଳ ତିନିପୁର କମ୍ପିଲା ।

ଦେବତାମାନେ ଏ ଘଟନା ଦେଖି ବିଚାର କଲେ, 'ମହିଷାସୁରକୁ ଶେଷ ନ କଲେ ରକ୍ଷା ନାହିଁ । ସେ ଯେତେବେଳେ ପୁରୁଷହାତରେ ମରିବ ନାହିଁ ବୋଲି ବ୍ରହ୍ମାଙ୍କଠାରୁ ଅମର ବର ପାଇଛି, ଜଣେ ସ୍ତ୍ରୀ ହାତରେ ତାକୁ ମରେଇବାକୁ ହେବ । ତେଣୁ ବିଷ୍ଣୁ ଓ ଶିବଙ୍କ ସାହାଯ୍ୟ ଆବଶ୍ୟକ । ସେ ଜଣେ ଦେବୀଙ୍କୁ ମର୍ତ୍ତ୍ୟକୁ ପଠାନ୍ତୁ ।' ଏହିପରି ବିଚାର କରି ଦେବତାମାନେ ଏକାଠି ହୋଇ ଧ୍ୟାନରେ ବସିଲେ । ସେମାନଙ୍କ ପ୍ରାର୍ଥନା ଶୁଣି ବିଷ୍ଣୁ ଓ ଶିବ ଚଣ୍ଡିକା ଦେବୀଙ୍କୁ ପଠାଇଲେ । ଦେବତାମାନେ ତାଙ୍କୁ କହିଲେ, "ଯାଅ ଦେବୀ, ମର୍ତ୍ତ୍ୟରେ ମହିଷାସୁରକୁ ବଧ କର ।"

ଚଣ୍ଡିକା ଦେବୀ ଖଣ୍ଡା, ଚକ୍ର ଓ ତ୍ରିଶୂଳ ଆଦି ଧରି ବାଘଉପରେ ବସି ପୃଥିବୀକୁ ଆସିଲେ । ତାଙ୍କ ଆସିବା ଖବର ପାଇ ମହିଷାସୁର ପ୍ରଥମେ ତା ସୈନ୍ୟମାନଙ୍କୁ ପଠାଇଲା ତାଙ୍କୁ ଧରିଆଣିବା ପାଇଁ; କିନ୍ତୁ ସେମାନେ କଣ ତାଙ୍କୁ ଧରି ପାରନ୍ତେ ! ସମସ୍ତେ ଯୁଦ୍ଧକ୍ଷେତ୍ରରେ ମରିଶୋଇଲେ ।

Digitized by srujanika@gmail.com

ଶେଷରେ ଅସୁର ନିଜେ ବାହାରିଲା ଯୁଦ୍ଧ କରିବାପାଇଁ । ତାର ବି ସେଇ ଦଶା ହେଲା । ମହିଷାସୁରକୁ ମାରି ସାରି ଦେବୀ ସ୍ୱର୍ଗକୁ ଫେରିଗଲେ ।

ଅସୁରର ସ୍ତ୍ରୀ ମହିଷୀ ସ୍ୱାମୀର ମୃତ୍ୟୁ ଖବର ପାଇ ଜାଣିଲା ଯେ ବିଷ୍ଣୁ, ଶିବ ଓ ଦେବତାମାନେ କୂଟ କରି ତା ସ୍ୱାମୀକୁ ମାରିଛନ୍ତି । ତା ନ ହେଲେ ବ୍ରହ୍ମାଙ୍କ ବର କଣ ସହଜେ ବ୍ୟର୍ଥ ହେବା କଥା ! ତେଣୁ ସେ ବ୍ରହ୍ମାଙ୍କୁ ଧ୍ୟାନ କରି ଘୋର ତପସ୍ୟା କଲା । ବ୍ରହ୍ମା ତା ଆଗରେ ଉଭା ହୋଇ ବର ଯାଚିବାରୁ ସେ କହିଲା, "ବିଷ୍ଣୁ କିମ୍ବା ଶିବ, କେହି ଯେପରି ମତେ ମାରିପାରିବେ ନାହିଁ—ଏହି ବର ଦିଅନ୍ତୁ ।" ବ୍ରହ୍ମା 'ତଥାସ୍ତୁ' କହି ଅଦୃଶ୍ୟ ହୋଇଗଲେ ।

ଅସୁରୁଣୀ ଦମ୍ଭରେ ସବୁଆଡ଼େ କହି ବୁଲିଲା, "ଏଥର ଦେଖିବି କିଏ ମତେ ମାରିବ—ବିଷ୍ଣୁ ନା ଶିବ । ସେ ଦୁହିଙ୍କୁ ତ ପଙ୍ଗୁ କରିଦେଇଛି ।" ଶିବଙ୍କ କାନରେ ଏ କଥା ବାଜିବାରୁ ସେ କ୍ରୋଧରେ ଅଗ୍ନିଶର୍ମା ହୋଇ ବିଷ୍ଣୁଙ୍କ ପାଖକୁ ଧାଇଁଲେ । କହିଲେ, "ଅସୁରୁଣୀଟା ଅତି ଉଦ୍ଧତ ହେଲାଣି । ତାକୁ ଶେଷ ନ କଲେ ରକ୍ଷା ନାହିଁ । କିନ୍ତୁ ଆମେ ତ ତାକୁ ମାରିପାରିବା ନାହିଁ । ତୁମେ ପିଲାଟିଏ ଗଢ଼ି ତାକୁ ପୃଥିବୀରେ ଛାଡ଼ିଦେଇଆସ । ସେ ବଡ଼ ହେଲେ ଯେପରି ଦୁଷ୍ଟା ରାକ୍ଷସୀକୁ ମାରିବ ।"

Digitized by srujanika@gmail.com

"ଆମେ ସିନା ପିଲାଟିଏ ଗଢ଼ି ଛାଡ଼ିଦେବା, ତାକୁ ସେଠି ପାଳିବ କିଏ ?"—ବିଷ୍ଣୁ ପଚାରିଲେ । ଶିବ କହିଲେ, "ଭାରତର କେରଳ ରାଜ୍ୟରେ ଜଣେ ରାଜା ଓ ତାଙ୍କ ରାଣୀ ଗୋଟିଏ ପୁଅ ପାଇଁ ମତେ ବହୁଦିନୁଁ ପ୍ରାର୍ଥନା କରୁଛନ୍ତି । ସେ ରାଜାଙ୍କ ନାଁ ରାଜଶେଖର । ତାଙ୍କର ପାଖରେ ପିଲାଟିକୁ ଛାଡ଼ିଦେଇ ଆସ । ସେ ଆଦରରେ ପାଳିବେ ।"

ଦେବତାଙ୍କ ମାୟା ଅତି ବିଚିତ୍ର । ବିଷ୍ଣୁ ନାରୀରୂପ ଧରି ଛୁଆଟିଏ ଗଢ଼ିଲେ । ତାପରେ ତା ବେକରେ ସୁନାର ଘଣ୍ଟିଟିଏ ବାନ୍ଧି ଦେଇ କେରଳ ରାଜ୍ୟର ବଣଭିତରେ ତାକୁ ଛାଡ଼ିଦେଇ ଆସିଲେ ।

ରାଜଶେଖର ଶିକାର ଉଦ୍ଦେଶ୍ୟରେ ବଣରେ ବୁଲୁ ବୁଲୁ ଗୋଟିଏ କଅଁଳା ପିଲାର କାନ୍ଦ ଶୁଣି ସେଠାକୁ ଗଲେ । ଦେଖିଲେ ଦିବ୍ୟସୁନ୍ଦର ପୁଅଟିଏ ଘାସ ଉପରେ ଶୋଇ କାନ୍ଦୁଛି । 'କେହି କୁଆଡ଼େ ନାହିଁ ; କାହା ପୁଅ ଏ ? ଏହାକୁ ନେଇଯିବି ନା ଛାଡ଼ିଯିବି ?' ପିଲାଟିକୁ କୋଳରେ ଧରି ରାଜା ଏହିପରି ଭାବୁଥିବାବେଳେ ଜଣେ ବ୍ରାହ୍ମଣ ତାଙ୍କ ପାଖକୁ ଆସି କହିଲେ, "ଏହାକୁ ନେଇଯାଅ, ରାଜା । ଭାବୁଛ କଣ ?"

"କିନ୍ତୁ କାହା ପିଲା, ନ ଜାଣି ନେଇଯିବି କିପରି ?" ରାଜା ଏ କଥା ପଚାରିବାରୁ ବ୍ରାହ୍ମଣ କହିଲେ, "ସେ ବିଷୟ ପରେ ଜାଣିବ, ଯେତେବେଳେ ତାକୁ ବାରବର୍ଷ ହେବ । ତା ବେକରେ ଗୋଟିଏ ସୁନାଘଣ୍ଟି ଦେଖୁଛ ତ, ତେଣୁ ତାକୁ ଡାକିବ 'ମଣିକଣ୍ଠ' ।"

ରାଜଶେଖର ଉଆସକୁ ଆସି ଯେତେବେଳେ ରାଣୀଙ୍କ ହାତରେ ପୁଅଟିଏ ଦେଲେ, ତାଙ୍କ ଆନନ୍ଦ ଦେଖେ କିଏ ? ରାଜା କହିଲେ, "ଈଶ୍ୱର ଆମକୁ ଏ ପୁଅଟି ଦେଇଛନ୍ତି ।" ତାପରେ ସେ ବ୍ରାହ୍ମଣ ବଣଭିତରେ ତାଙ୍କୁ ଯାହାସବୁ କହିଥିଲେ ବର୍ଣ୍ଣନା କଲେ ।

ରାଜା ବଣରୁ ପୁଅଟିଏ ପାଇଛନ୍ତି, ଏ ଖବର ରାଜ୍ୟସାରା ବ୍ୟାପିଗଲା । ଯେ ଶୁଣିଲା ସେ ଖୁସି ହେଲା; କିନ୍ତୁ ଜଣେ ହେଲା ନାହିଁ । ସେ ଜଣକ ଦେଓ୍ୱାନ । ସେ ଭାବିଥିଲା ରାଜା ଅପୁତ୍ରିକ ହୋଇ ମରିଯାଇଥିଲେ ତା ପୁଅ ଗାଦି ପାଇଥାନ୍ତା ; କାରଣ ସିଂହାସନ ଦାବି କରିବାକୁ ରାଜବଂଶରେ ଆଉ କେହି ନ ଥିଲେ । କିନ୍ତୁ ଏବେ ତାର ସବୁ ଆଶା ମାଟି ହୋଇଗଲା ।

ମଣିକଣ୍ଠ ବଡ଼ ହେବାରୁ ରାଜା ତାକୁ ଗୁରୁଙ୍କ ପାଖରେ ଛାଡ଼ିଦେଲେ । ତାର ବିଦ୍ୟାବୁଦ୍ଧି ଦେଖି ଗୁରୁ ଜାଣିପାରିଲେ ସେ ସାଧାରଣ ମଣିଷପିଲା ନୁହେଁ, ଦେବଶିଶୁ । ପାଠପଢ଼ା ଶେଷରେ

Digitized by srujanika@gmail.com

ମଣିକଣ୍ଠ ଯେତେବେଳେ ଗୁରୁଙ୍କୁ ଦକ୍ଷିଣା ଯାଚିଲା, ସେ ମନାକଲେ । କହିଲେ, "ବତ୍ସ ! ମୁଁ ତୁମଠାରୁ ଦକ୍ଷିଣା ବଦଳରେ ଗୋଟିଏ ଭିକ୍ଷା ମାଗିବି । ମୋ ଅନ୍ଧ ପୁଅକୁ ଟିକିଏ ଆଶୀର୍ବାଦ ଦେଇଯାଅ ।" ମଣିକଣ୍ଠ ଗୁରୁଙ୍କ ଅନ୍ଧ ପୁଅକୁ ଛୁଇଁଦେବା ମାତ୍ରେ ତା ଆଖି ଖୋଲିଗଲା । ସେ ଆନନ୍ଦରେ କହିଉଠିଲା, "ବାପା ! ମୁଁ ସବୁ ଦେଖିପାରୁଛି ।" ଗୁରୁ କହିଲେ, "ତୁ ମଣିକଣ୍ଠଙ୍କ ପାଦଧୂଳି ନେ । ସେ ତତେ ନୂଆ ଜୀବନ ଦେଇଛନ୍ତି ।"

ମଣିକଣ୍ଠ ଗୁରୁଙ୍କଠାରୁ ବିଦାୟ ମାଗି ଘରକୁ ଆସିଲା । ଏହି ସମୟରେ ଏକ ବିଚିତ୍ର ଘଟନା ଘଟିଲା । ଭଗବାନଙ୍କ ମାୟା ତାଙ୍କୁଇ ଏକା ଜଣା । ଏତେଦିନପରେ ସେ ରାଣୀଙ୍କ କୋଳରେ ପୁଅଟିଏ ଦେଲେ । କେଉଁ ମାଆ ନିଜ ପୁଅର ସୁଖ ନ ଚାହେଁ ? ରାଣୀ ପୁଅକୁ ଚାହିଁ କହିଲେ, "ହାୟରେ ହତଭାଗା ! ଆଗରୁ କାହିଁକି ଜନ୍ମ ନ ହେଲୁ ? ତୁ କଣ ଆଉ ରାଜା ହୋଇ ପାରିବୁ ?"

ରାଣୀଙ୍କର ପୁଅ ହେବା ଖବର ପାଇ କପଟୀ ଦେଓ୍ୱାନ ଭାବିଲା—ଗୋଟିକରୁ ଦୁଇଟି ହେଲେଣି । ଆଉ ଆଶା ନାହିଁ । ତେବେ ଘରପୋଡ଼ିରୁ କୁଟାଖିଏ ହେଲେ ମିଳୁ । ଏତିକିବେଳେ ସୁବର୍ଣ୍ଣ ସୁଯୋଗ ଜୁଟିଛି । ରାଣୀ ନିଶ୍ଚେ ଚାହୁଁଥିବେ ତାଙ୍କ ନିଜ ପୁଅ ବଡ଼ ହୋଇ କେମିତି ରାଜା ହୁଅନ୍ତା, କିନ୍ତୁ ମଣିକଣ୍ଠ ଥିବାଯାଏ ତାହା ସମ୍ଭବ ନୁହେଁ । ତେଣୁ କୌଶଳ କରି ତାକୁ ମାରିଦେଲେ ରାଣୀଙ୍କ ମନସ୍କାମନା ପୂର୍ଣ୍ଣ ହେବ, ମତେ ବି କିଛି ମିଳିଯିବ । ଏହିପରି ବିଚାର କରି ସେ ରାଣୀଙ୍କୁ ଭେଟି କହିଲା, "ଯଦି ଆପଣ କେବଳ ଗୋଟିଏ କାମ କରିବେ, ତେବେ ମୁଁ ନିଶ୍ଚେ ଆପଣଙ୍କ ପୁଅକୁ ରଜା କରାଇଦେବି ।"

"କି କାମ ?" ରାଣୀ ପଚାରିଲେ । ଦେଓ୍ୱାନ କହିଲା, "ଆପଣ ଖାଲି ଛଟାଗାଳି କହନ୍ତୁ ମୋର ଭାରି ମୁଣ୍ଡବଥା ହେଉଛି । ଆଉ ସବୁ କଥା ମୁଁ ବୁଝିବି ।"

ରାଣୀ ତା କଥାରେ ପଡ଼ି ସେଇଆ କଲେ । ରାଜା ବ୍ୟସ୍ତ ହୋଇ କବିରାଜଙ୍କୁ ଡକାଇଲେ । ଦେଓ୍ୱାନ କବିରାଜଙ୍କୁ ଥଳିଏ ଟଙ୍କା ଦେଇ ଆଗରୁ ଶିଖେଇ ଦେଇଥାଏ—ତୁମେ କହିବ "ବାଘଦୁଧ ବୋଳିଲେ ରାଣୀଙ୍କ ମୁଣ୍ଡବ୍ୟଥା ଭଲ ହୋଇଯିବ ।" ତେଣୁ କବିରାଜ ଆସି ଠିକ୍ ସେଇ ଔଷଧ ବତେଇଲା ।

Digitized by srujanika@gmail.com

ରଜା ବାଘଦୁଧ ପାଇଁ ଜଙ୍ଗଲଆଡ଼କୁ ଲୋକ ପଠାଇଲେ; କିନ୍ତୁ ସମସ୍ତେ ବିଫଳ ହୋଇ ଫେରିଲେ । ବାଘୁଣୀ ପାଖକୁ ଯାଇ ଦୁଧ ଆଣିବ କିଏ ? ରଜା ହତାଶ ହୋଇ ପଡ଼ିଲେ । ତେଣେ ରାଣୀ ଏକବାର ଅସମ୍ଭାଳ । ଏହି ସମୟରେ ମଣିକଣ୍ଠ ଆସି କହିଲା, "ବାପା ! ମୁଁ ଯାଉଛି ବାଘଦୁଧ ଆଣିବି ।" "ଆରେ ବାପ୍‌ରେ ! ତୁ ପିଲାଲୋକ, କୁଆଡ଼େ ଯିବୁ ?" ରଜା ମନା କଲେ, କିନ୍ତୁ ସେ ଏକା ଜିଗର କଲା ଯିବ ବୋଲି । ଶେଷରେ ରଜା ବାଧ୍ୟ ହୋଇ କହିଲେ, 'ହଉ ତେବେ ଯା, କିନ୍ତୁ ସାବଧାନ ହୋଇ ଯିବୁ ।"

ମଣିକଣ୍ଠ ଘୋର ବଣଭିତରେ ବୁଲି ବୁଲି ବାଘୁଣୀ ଖୋଜୁଥାଏ । ସେ ବଣଟା ମହିଷାସୁରର ରାଜ୍ୟ । ଖବର ପାଇ ମହିଷୀ ଅସୁରୁଣୀ ମଣିକଣ୍ଠ ପାଖକୁ ଆସି କହିଲା, 'ତୁ କାହିଁକି ମୋ ରାଜ୍ୟରେ ପଶିଛୁ ? ଆ, ତତେ ଖାଇବି । ତୋ କଅଁଳ ମାଂସ ଦେଖି ମୋର ଲୋଭ ହେଲାଣି ।"

କଥାରେ ଅଛି 'ବିନାଶକାଳେ ବିପରୀତ ବୁଦ୍ଧି' । ମହିଷୀ ଯେମିତି ମଣିକଣ୍ଠଙ୍କୁ ଖାଇବ ବୋଲି ଚମକି ଆସିଛି, ମଣିକଣ୍ଠ ଗୋଟିଏ ଶରରେ ତା ପ୍ରାଣ ଫୁଟେଇଦେଲେ । ସେ ତଳେ ପଡ଼ି ମରିଗଲା । ମଣିକଣ୍ଠ କହିଲେ, "ଏଥର ମୋ କାମ ସରିଲା ।"

Digitized by srujanika@gmail.com

ଠିକ୍ ଏତିକିବେଳେ ଇନ୍ଦ୍ରଦେବତା ତାଙ୍କ ଆଗରେ ଉଭା ହୋଇ କହିଲେ, "ମୁଁ ବାଘୁଣୀ ରୂପ ଧରୁଛି, ତୁମେ ମୋ ଉପରେ ବସି ରାଜଧାନୀକୁ ଚାଲ ।" ଆଉ ଯେତେ ଦେବଦେବୀ ଇନ୍ଦ୍ରଙ୍କ ସାଙ୍ଗରେ ଆସିଥିଲେ, ସେମାନେ ମଧ୍ୟ ବାଘବାଘୁଣୀ ରୂପ ଧରିଲେ । ଏକ ବିରାଟ ବାଘପଟୁଆର ରାଜଧାନୀକୁ ଚାଲିଲା ମଣିକଣ୍ଠକୁ ନେଇ ।

ଏ ଭୟାନକ ଦୃଶ୍ୟ ଦେଖି ଯେ ଯୁଆଡ଼େ ଚୁନାଆଁ ହୋଇ ପଳାଇବାକୁ ଲାଗିଲେ । ଖବର ପାଇ ରାଜଶେଖର ବାହାରକୁ ଆସିଲେ । "କି ଅଦ୍ଭୁତ ଦୃଶ୍ୟ ଏ ! ବାଘବାହନରେ ମଣିକଣ୍ଠ ! ମଣିଷ ପିଲା କଣ ଏତେ ନିର୍ଭୟ ହୋଇପାରେ !" ସେ ବ୍ରାହ୍ମଣର କଥା ତାଙ୍କର ମନେ ପଡ଼ିଲା । "ଆଜି ମଣିକଣ୍ଠକୁ ବାରବର୍ଷ ପୂରିବ । ଆଜି ଜଣାଯିବ ସେ ପ୍ରକୃତରେ କିଏ ।" ଏହି ସମୟରେ ଶୂନ୍ୟଶବ୍ଦ ହେଲା—"ମଣିକଣ୍ଠ ସ୍ୱୟଂ ଭଗବାନ ।"

ରାଜା ଧାଇଁଯାଇ ବାଘୁଣୀ ଆଗରେ ହାତଯୋଡ଼ି ମଣିକଣ୍ଠଙ୍କୁ କହିଲେ, "ଆଗ ଏ ବାଘମାନଙ୍କୁ ଦୟା କରି ନେଇଯାଅ । ଲୋକମାନେ ଭୟ କରୁଛନ୍ତି । ସାଙ୍ଗେ ସାଙ୍ଗେ ବାଘମାନେ ଅଦୃଶ୍ୟ ହୋଇଗଲେ ।

Digitized by srujanika@gmail.com

ରାଜା ପୁଣି କହିଲେ, "ତୁମେ ବଣକୁ ଯିବା ପରେ ପରେ ରାଣୀଙ୍କ ମୁଣ୍ଡବଥା ଭଲ ହୋଇଯିବାର ଶୁଣି ମୋର ସନ୍ଦେହ ହେଲା । ମୁଁ ଲୁଚି ଲୁଚି ଯାଇ ଦେଖିଲି ରାଣୀ ଓ ଦେଓ୍ୱାନ ମନ୍ତ୍ରଣା କରୁଛନ୍ତି । ତାଙ୍କ କଥାରୁ ସବୁ ରହସ୍ୟ ଜାଣିପାରିଲି । ସେମାନଙ୍କୁ କଠୋର ଶାସ୍ତି ଦେବି ।" ମଣିକଣ୍ଠ କହିଲେ, "କ୍ଷମା କରି ସେମାନଙ୍କୁ । ମୋ ଉଦ୍ଦେଶ୍ୟ ପୂର୍ଣ୍ଣ ହେଲା । ମୁଁ ଏଥର ପୃଥିବୀରୁ ବିଦାୟ ନେବି ।"

ରାଜା କହିଲେ, "ପ୍ରଭୁ ! ମୋର ଜୀବନ ଆଜି ଧନ୍ୟ ! ତୁମ ମହିମା ପ୍ରଚ୍ଚାର କରିବାପାଇଁ ମୁଁ ଗୋଟିଏ ମନ୍ଦିର ତୋଳାଇବି । ସେ ସ୍ଥାନଟି ଦେଖାଇଦିଅ, ଏତିକି ପ୍ରାର୍ଥନା ।" ମଣିକଣ୍ଠ ଧନୁ ଉଠାଇ କହିଲେ, "ତେବେ ମୁଁ ଗୋଟିଏ ଶର ମାରୁଛି । ତାହା ଯେଉଁଠି ପଡ଼ିବ, ସେଇ ସ୍ଥାନରେ ମନ୍ଦିର ତୋଳି ତାର ପୂର୍ବପଟେ ଅଠରଟି ପାହାଚ କରିଦେବ ।" ଏହା କହି ସେ ଗୋଟିଏ ଶର ମାରିଲେ ଏବଂ ପରେ ପରେ ଅନ୍ତର୍ହିତ ହୋଇଗଲେ ।

ରାଜଶେଖର ବହୁ କଷ୍ଟରେ ଶରଟିକୁ ଖୋଜି ଖୋଜି ପାଇଲେ ଶବରୀ ପାହାଡ଼ଉପରେ । ସେହିଠାରେ ମନ୍ଦିର ତୋଳାହେଲା । ଶୁଣାଯାଏ ସ୍ୱର୍ଗର ବିଶ୍ୱକର୍ମା ଶିଳ୍ପୀବେଶରେ ଆସି ମନ୍ଦିର ତୋଳି ଦେଇଗଲେ ଏବଂ ପରଶୁରାମ ଆସି ମକରସଂକ୍ରାନ୍ତି ଦିନ ଠାକୁର ମୂର୍ତ୍ତି ପ୍ରତିଷ୍ଠା କଲେ ।

ଭଗବାନ ଏହିପରି ଭକ୍ତର ମନବାଞ୍ଛା ପୂରଣ କରନ୍ତି. କିନ୍ତୁ ଦୁଷ୍ଟ ଲୋକକୁ ଶିକ୍ଷା ନ ଦେଇ ସେ ଛାଡ଼ନ୍ତି ନାହିଁ । ଖଳବୁଦ୍ଧି ଦେଓ୍ୱାନକୁ ଧରିଲା ସାଂଘାତିକ କୁଷ୍ଠରୋଗ । କୌଣସି ଉପାୟରେ ରୋଗ ଭଲ ନ ହେବାରୁ ସେ ମଣିକଣ୍ଠ ମହାପ୍ରଭୁଙ୍କୁ ସ୍ମରଣକଲା । ପ୍ରଭୁ ତାକୁ ସ୍ୱପ୍ନରେ ଆଦେଶ ଦେଲେ—"ପମ୍ପା ସରୋବରରେ ସ୍ନାନ କରି ଶବରୀତୀର୍ଥରେ ଠାକୁର ଦର୍ଶନ କଲେ ତୁମେ ରୋଗମୁକ୍ତ ହେବ ।" କାଳବିଳମ୍ବ ନ କରି ସେ ପମ୍ପାରେ ସ୍ନାନ କଲା । ସଙ୍ଗେ ସଙ୍ଗେ ତା ଦେହରୁ ରୋଗଚିହ୍ନ ଚାଲିଯାଇ ଅପୂର୍ବ ତେଜ ଦେଖାଗଲା । ତାପରେ ସେ ଶବରୀ ପାହାଡ଼ ଉପରେ ପ୍ରଭୁ ମଣିକଣ୍ଠଙ୍କୁ ଦର୍ଶନ କରି ଧନ୍ୟ ହେଲା ।

ଏ ହେଲା ମଣିକଣ୍ଠ ମନ୍ଦିରର ପୁରାକାହାଣୀ । ଏହାକୁ ବିଶ୍ୱାସ କରି ଭାରତବର୍ଷ ହଜାର ହଜାର ଯାତ୍ରୀ ମକର ସଂକ୍ରାନ୍ତି ଦିନ ଏଠାକୁ ଆସନ୍ତି ଦର୍ଶନ ପାଇଁ, ଏବଂ ଠାକୁରଙ୍କୁ ମୁଣ୍ଡିଆ ମାରି ଡାକନ୍ତି—"ହେ ପ୍ରଭୁ ମଣିକଣ୍ଠ ! ତୁମ ଶରଣ ନେଉଛୁ; ଆମକୁ ଉଦ୍ଧାର କର ।"

Digitized by srujanika@gmail.com

କୁଡ଼ିଆଘରୁ ରଜାନଅର

ଅନେକ ବର୍ଷ ତଳର କଥା । ପାଟଳପୁତ୍ର ସହରର ଗୋଟିଏ କୁଡ଼ିଆଘରେ ବସି ସ୍ୱାମୀ ଓ ସ୍ତ୍ରୀ କଥାବାର୍ତ୍ତା ହେଉଥିଲେ । କାଳନେମୀ ତାଙ୍କ ସ୍ତ୍ରୀଙ୍କୁ କହିଲେ, "ହାତରେ ଧନ ନାହିଁ କି ମନ ଖୁସି କରିବାକୁ ଘରେ ପିଲାଟାଏ ନାହିଁ । କେତେଦିନ ଏମିତି ଦୁଃଖରେ ଚଳିବା ?'

ସ୍ତ୍ରୀ କହିଲେ, "ଲକ୍ଷ୍ମୀଙ୍କ ଦୟା ନ ହେଲେ ଦୁଃଖ ଯିବ ନାହିଁ । କାଲିଠାରୁ ଲକ୍ଷ୍ମୀ-ପୂଜା ଆରମ୍ଭ କରିବ ବୋଲି ବିଚାରିଛି । ଆଜି ସବୁ ପୂଜାସାମଗ୍ରୀ ଯୋଗାଡ଼ କରି ରଖିବା ।"

ତା ପରଦିନଠାରୁ ଦୁଇଜଣଯାକ ମନଧ୍ୟାନ ଦେଇ ଲକ୍ଷ୍ମୀପୂଜା ଆରମ୍ଭ କଲେ । ସତକୁ ସତ, କିଛି ଦିନପରେ ତାଙ୍କର ପୁଅଟିଏ ହେଲା । 'ଶ୍ରୀ' ଅର୍ଥାତ୍ ଲକ୍ଷ୍ମୀ ସେ ପୁଅଟି ଦେଇଛନ୍ତି, ଏଇ ବିଶ୍ୱାସରେ ସେମାନେ ତାର ନାଁ ରଖିଲେ ଶ୍ରୀଦତ୍ତ ।

Digitized by srujanika@gmail.com

ଖାଲି ସେତିକି ନୁହେଁ, ଦିନକୁ ଦିନ କାଳନେମିଙ୍କ ରୋଜଗାର ମଧ୍ୟ ବଢ଼ିବାକୁ ଲାଗିଲା । ସେମାନେ ପୂର୍ବ ଅପେକ୍ଷା ଭଲ ଚଳିଲେ । ଶ୍ରୀଦତ୍ତ ଗୁରୁଙ୍କ ପାଖରୁ ଶାସ୍ତ୍ର, ସଙ୍ଗୀତ ଓ ଧନୁର୍ବିଦ୍ୟା ଆଦି ଶିକ୍ଷାକଲା । ସମସ୍ତଙ୍କ ମୁହଁରେ ତାର ପ୍ରଶଂସା ଶୁଣାଗଲା ।

ପାଟଳିପୁତ୍ରର ରାଜା ଦିନେ କାଳନେମିଙ୍କୁ ଡକାଇ କହିଲେ, "ମୁଁ ଶୁଣିପାରୁଛି ତୁମ ପୁଅର ବିଦ୍ୟାବୁଦ୍ଧି ଏବଂ ସ୍ୱଭାବ ଖୁବ୍ ଭଲ । ତାକୁ ଏଠାରେ ରଖିବା ମୋର ଇଚ୍ଛା । ଯୁବରାଜ ତା ପାଖରେ ରହିଲେ ତାଠାରୁ ଭଲ ଗୁଣ ଶିଖି ଭଲ ମଣିଷ ହେବ ।"

କାଳନେମି ରାଜାଙ୍କର ଏ ଅନୁଗ୍ରହ ଲାଗି ଧନ୍ୟବାଦ ଜଣାଇ ଘରକୁ ଫେରିଲେ ।

ତା ପରଦିନଠାରୁ ଶ୍ରୀଦତ୍ତ ରାଜନବରରେ ରହିଲା । ରାଜା ଯୁବରାଜଙ୍କୁ ଡାକି କହିଲେ, "ଦେଖ ବିକ୍ରମ, ଶ୍ରୀଦତ୍ତଠାରୁ ଭଲ ଗୁଣ ଶିଖିବାକୁ ଚେଷ୍ଟାକର । ଜୀବନରେ ଉନ୍ନତି କରିବ ।" କିନ୍ତୁ ବିକ୍ରମ ପିତାଙ୍କ କଥା କାନକୁ ନେଲେ ନାହିଁ । ପୂର୍ବପରି ଖଳ ଲୋକମାନଙ୍କ ସାଙ୍ଗରେ ସମୟ କାଟିଲେ । ଶ୍ରୀଦତ୍ତଙ୍କ ପ୍ରଶଂସା ସବୁଠାରେ ଶୁଣି ଓଲଟି ତାକୁ ହିଂସା କରିବାକୁ ଲାଗିଲେ ।

ଦିନକର ଘଟଣା । ଶ୍ରୀଦତ୍ତ ଦୁଇଜଣ ବନ୍ଧୁଙ୍କ ସାଙ୍ଗରେ ଗଙ୍ଗାନଦୀକୂଳରେ ବୁଲୁଥିଲେ । ପାଣିରେ ଜଣେ ସ୍ତ୍ରୀଲୋକ 'ବୁଡ଼ିଗଲି ରକ୍ଷାକର, ରକ୍ଷାକର' ବୋଲି ପାଟି କରି-ଉଠିଲା । ତାହା ଦେଖି ଶ୍ରୀଦତ୍ତ ତାକୁ ଉଦ୍ଧାର କରିବାପାଇଁ ସଙ୍ଗେ ସଙ୍ଗେ ନଦୀକୁ ଡେଇଁ-ପଡ଼ିଲେ, କିନ୍ତୁ ପାଣି ଭିତରେ ଯେତେ ଖୋଜିଲେ, ତାକୁ ପାଇଲେ ନାହିଁ । କିଏ ଯେପରି ନଦୀର ଗଭୀର ଜଳକୁ ତାଙ୍କୁ ଟାଣି ନେଇଗଲା । ସେ ପାଣିରେ ଅନିଶ୍ୱାସୀ ନ ହୋଇ ସବୁ ସ୍ପଷ୍ଟ ଦେଖିପାରୁଥାନ୍ତି । ତାଙ୍କୁ ଏହା ଆଶ୍ଚର୍ଯ୍ୟ ଲାଗୁଥାଏ । ଦୂରରେ ଗୋଟିଏ ବିରାଟ କୋଠାଘର ଦେଖି ଶ୍ରୀଦତ୍ତ ସେଠାକୁ ଗଲେ । ଦେଖିଲେ ସେହି ସ୍ତ୍ରୀ ଲୋକଟି ତା ଭିତରେ ବୁଲୁଛି ।

ସେ ତା ପାଖକୁ ଯାଇ ପଚାରିଲେ, "କିଏ ତୁମେ ? ତୁମେ ତ ମନୁଷ୍ୟ ନୁହଁ !"

ସେ କହିଲା, "ମୁଁ ଅସୁରରାଜା ବଳିଙ୍କର ନାତୁଣୀ । ଭଗବାନ ଦିନେ ତାଙ୍କୁ ନିଜ ପାଦରେ ପାତାଳକୁ ଚାପି ଦେଇଥିଲେ । ସେହିଦିନୁ ଆମେ ଏଠାରେ ପଡ଼ିରହିଛୁ । ଚୋଟିଏ

Digitized by srujanika@gmail.com

ଯକ୍ଷ ସିଂହ ରୂପ ଧରି ଆମ ନଅର ଫାଟକପାଖରେ ଜଗିରହିଛି । ସେ ଆମକୁ ବାହାରକୁ ଛାଡ଼ିଦେଉନାହିଁ । ସେ ଅଭିଶାପ ପାଇଛି ଯେ ଯେଉଁଦିନ ତାର ମୃତ୍ୟୁ ହେବ, ସେହିଦିନ ସେ ଉଦ୍ଧାର ପାଇବ । କିନ୍ତୁ ପୃଥିବୀର ମନୁଷ୍ୟ ଛଡ଼ା କେହି ତାକୁ ମାରିପାରିବେ ନାହିଁ ।"

ଶ୍ରୀଦତ୍ତ କହିଲେ, "ମୁଁ ଚେଷ୍ଟା କରିବି କି ?"

"ସେଇଥିପାଇଁ ତ ମୁଁ ତୁମକୁ ଏଠାକୁ ଆଣିଛି", ଅସୁରକନ୍ୟା କହିଲି ।

ତା ପରଦିନ ସିଂହ ସଙ୍ଗେ ଶ୍ରୀଦତ୍ତଙ୍କର ଲାଗିଲା ଭୀଷଣ ଲଢ଼େଇ । ଅସୁରକନ୍ୟା ଦୂରରେ ରହି ଦେଖୁଥାଏ । ହଠାତ୍ ଏକ ଅଦ୍ଭୁତ ଦୃଶ୍ୟ ଦେଖାଗଲା । ରକ୍ତାକ୍ତ ସିଂହଟା ଗୋଟାଏ ମନୁଷ୍ୟ ରୂପ ହୋଇଯାଇ କହିଲା, 'ଧନ୍ୟବାଦ ଶ୍ରୀଦତ୍ତ । ମୁଁ ଜଣେ ଯକ୍ଷ । ଅଭିଶାପ ପାଇ ସିଂହ ହୋଇ ଯାଇଥିଲି । ତୁମେ ଆଜି ମୋତେ ମୁକ୍ତି ଦେଲ । ତେଣୁ ତୁମକୁ ମୁଁ ଏଇ ତରବାରିଟି ଦେଉଛି । ଏହା ସାହାଯ୍ୟରେ ତୁମେ ସମସ୍ତଙ୍କୁ ଜିଣି ପାରିବ ।"

ଯକ୍ଷହାତରୁ ତରବାରିଟି ନେଇ ଶ୍ରୀଦତ୍ତ ଅସୁରକନ୍ୟା ପାଖକୁ ଗଲେ । ସେ ମଧ୍ୟ ଗୋଟିଏ ମୁଦି ତାଙ୍କ ହାତରେ ଦେଇ କହିଲା, "ତୁମର ଉପକାରଲାଗି ମୁଁ ଏ ମୁଦିଟି ଉପହାର ଦେଉଛି । ଏହାକୁ ପିନ୍ଧିଲେ ସବୁପ୍ରକାର ବିଷଦୋଷ କଟିଯିବ । ବର୍ତ୍ତମାନ ତୁମେ ନିଜ ରାଜ୍ୟକୁ ଫେରିଯାଇପାର ।" ପାଖରେ ଥିବା ଗୋଟାଏ କୂଅକୁ ଦେଖାଇ ସେ ପୁଣି କହିଲେ, "ଏହି କୂଅରେ ପଶିଯାଅ, ତୁମେ ଯେଉଁ ସ୍ଥାନରେ ନଦୀରେ ବୁଡ଼ିଥିଲ, ସେହିଠାରେ ଉଠିବ ।"

ଶ୍ରୀଦତ୍ତ ମୁଦି ଓ ତରବାରୀଟି ଯତ୍ନରେ ଧରି ଅସୁରକନ୍ୟାଠାରୁ ବିଦାୟ ମାଗି କୂଅରେ ପଶିଲେ ଏବଂ ଯେଉଁଠାରେ ବୁଡ଼ିଥିଲେ ଠିକ୍ ସେହିଠାରେ ଉଠିଲେ । ଉପରକୁ ଆସି ଦେଖନ୍ତି ଯେ ତାଙ୍କ ପୂର୍ବ ବନ୍ଧୁ ଦୁଇଜଣ ନାହାନ୍ତି । ଅନ୍ୟ ଜଣେ ବନ୍ଧୁ ସେଠାରେ ଥିଲେ । ସେ ଶ୍ରୀଦତ୍ତଙ୍କୁ କହିଲେ, "ତୁମକୁ ଅପେକ୍ଷା କରି କରି ସେ ଦୁହେଁ ଚାଲିଯାଉଥିଲେ । ମୁଁ ସେମାନଙ୍କୁ ଉଜ୍ଜୟିନୀ ପଠାଇଦେଇ ଏଠାକୁ ଆସିଲି, କାରଣ ପାଟଳିପୁତ୍ର ବର୍ତ୍ତମାନ ଆମ୍ଭମାନଙ୍କ ପକ୍ଷରେ ନିରାପଦ ନୁହେଁ । ରାଜା କାଲି ମରିଗଲେ । ଦୁଷ୍ଟ ବିକ୍ରମ ଆଉ ଇନ୍ଦ୍ର-ଚନ୍ଦ୍ର ମାନୁନାହିଁ । ସେ ତୁମ ପିତାମାତାଙ୍କୁ ମାରି ତୁମକୁ ମାରିବ ବୋଲି ଖୋଜୁଛି ।"

Digitized by srujanika@gmail.com

"ଓଃ ! କଣ କଲ ସେ ! ସେ ସଇତାନକୁ ମୁଁ ବର୍ତ୍ତମାନ ଏଇ ତରବାରୀରେ କାଟି ଖଣ୍ଡ ଖଣ୍ଡ କରିବି ।" ଶ୍ରୀଦତ୍ତ ରାଗରେ ଜଳିଉଠିଲେ; କିନ୍ତୁ ତାଙ୍କର ବନ୍ଧୁ ତାଙ୍କୁ କହିଲେ, "ଶାସ୍ତ୍ରରେ ପରି ଅଛି 'ରାଗବେଳେ ହଠାତ୍ କିଛି କରିବା ଉଚିତ ନୁହେଁ, ଧୈର୍ଯ୍ୟ ଧରି ଭାବିଚିନ୍ତି ଯାହା କରିବ' ।"

ତାଙ୍କୁ ଏପରି ବୋଧଶୋଧ କରି ସେ ଉଜ୍ଜୟିନୀ ନେଇଗଲେ । ସେଠାରେ ପହଞ୍ଚି ଶ୍ରୀଦତ୍ତ ଓ ତାଙ୍କର ବନ୍ଧୁମାନେ ବିକ୍ରମକୁ କିପରି ଶାସ୍ତି ଦେବେ, ତାର ଉପାୟ ଚିନ୍ତା କରୁଥାନ୍ତି । ଦିନେ ସେମାନେ ଗୋଟିଏ ମେଳା ଦେଖୁଥିବାବେଳେ ଶୁଣିଲେ ରାଜକୁମାରୀ ମୃଗାଙ୍କବତୀଙ୍କୁ ସାପ କାମୁଡ଼ିଛି । ତାଙ୍କର ବଞ୍ଚିବାର ଆଶା ନାହିଁ । ଶୁଣିବାମାତ୍ରେ ଶ୍ରୀଦତ୍ତ ରାଜନବରକୁ ଯାଇ କହିଲେ, "ମତେ ଭିତରକୁ ଛାଡ଼ନ୍ତୁ, ମୁଁ ରାଜକନ୍ୟାଙ୍କୁ ଭଲ କରିଦେବି ।"

ଶ୍ରୀଦତ୍ତ ରାଜକୁମାରୀଙ୍କ ହାତରେ ଅସୁରକନ୍ୟା ଦେଇଥିବା ମୁଦିଟି ପିନ୍ଧାଇଦେଲେ । ସାଙ୍ଗେ ସାଙ୍ଗେ ତାଙ୍କର ଚେତା ଆସିଲା । ସେ ଉଠି ବସିଲେ । ରାଜା ଶ୍ରୀଦତ୍ତଙ୍କୁ ଆନନ୍ଦରେ କୁଣ୍ଢାଇ ପକାଇ ତାଙ୍କର ପରିଚୟ ନେଲେ ଏବଂ ତାଙ୍କୁ ଏକହଜାର ସ୍ୱର୍ଣ୍ଣମୁଦ୍ରା ଯାଚିଲେ । ମାତ୍ର ଶ୍ରୀଦତ୍ତ କହିଲେ, "ଏଥିରେ ମୋର କିଛି ବାହାଦୁରୀ ନାହିଁ । ତେଣୁ ପୁରସ୍କାର ନେବି କାହିଁକି ? ଧନ୍ୟବାଦ ।"

ଶ୍ରୀଦତ୍ତ ଚାଲିଯିବା ପରେ ମୃଗାଙ୍କବତୀ ଜାଣିଲେ ସେ ମୁଦିଟି ଛାଡ଼ିଯାଇଛନ୍ତି; ତେଣୁ ଦାସୀକୁ ପଠାଇ ସେ ତାଙ୍କର ସନ୍ଧାନ ନେଲେ । ଅନ୍ୟ କାହାହାତରେ ପଠାଇଲେ କାଳେ କିଏ ନେଇଯାଇପାରେ—ଏହା ଭାବି ସେ ନିଜେ ଶ୍ରୀଦତ୍ତଙ୍କୁ ତାଙ୍କ ବସାଠାରେ ଭେଟିଲେ ଏବଂ ମୁଦିଟି ଦେଇ କହିଲେ, "ଆପଣ ମୁଦିଟି ଛାଡ଼ିଆସିଥିଲେ; ନିଅନ୍ତୁ । କିନ୍ତୁ ମତେ ବଞ୍ଚାଇ ଆପଣ ବୃଥା ଶ୍ରମ କଲେ ।"

ଶ୍ରୀଦତ୍ତ ପଚାରିଲେ, "କାହିଁକି ?"

ରାଜକନ୍ୟା କହିଲେ, "ବାପା ଜଣେ ଧନୀ ରାଜପୁତ୍ର ସଙ୍ଗେ ମୋର ବିବାହ ସ୍ଥିର କରିଛନ୍ତି । କିନ୍ତୁ ମୁଁ ବୁଝିଛି ସେ ମଦ୍ୟପ ଓ ଦୁଷ୍ଚରିତ୍ର । ତେଣୁ ସେ ବିବାହ ଅପେକ୍ଷା ମରଣ ଶତଗୁଣେ ଭଲ ନୁହେଁ କି ?"

ଶ୍ରୀଦତ୍ତ କହିଲେ, "ଥରେ ମୁଁ ତୁମର ପ୍ରାଣରକ୍ଷା କରିଛି, ଆଉ ଥରେ ମଧ୍ୟ କରିପାରିବି । ମାତ୍ର ତୁମ ପିତା ବିରକ୍ତ ହେବେ ମୋ ଉପରେ ।"

Digitized by srujanika@gmail.com

ମୃଗାଙ୍କବତୀ କହିଲେ, "ନା, ଦସ୍ୟୁଙ୍କଠାରୁ ମତେ ଆଗ ଉପସ୍ଥିତ ବିପଦରୁ ରକ୍ଷା କରନ୍ତୁ । ମୁଁ ନିଶ୍ଚୟ ପରେ ବାପାଙ୍କୁ ଭେଟି କ୍ଷମା ମାଗିନେବି ।" ଶ୍ରୀଦତ୍ତ ଏହା ଶୁଣି କହିଲେ, "ତେବେ ମୁଁ ତୁମକୁ ମଥୁରା ନେଇଯିବି । ସେଠାରେ ମୋର କକା ପ୍ରଧାନ ମନ୍ତ୍ରୀ ଅଛନ୍ତି । ତାଙ୍କର ପିଲାପିଲି ନାହାନ୍ତି । ସେ ତୁମକୁ ଆନନ୍ଦରେ ଆଶ୍ରୟ ଦେବେ ।"

କିନ୍ତୁ ଶ୍ରୀଦତ୍ତ ନିଜେ ରାଜକନ୍ୟାଙ୍କୁ ସାଙ୍ଗରେ ନେଇ ମଥୁରା ଯିବା ଉଚିତ ମନେ କଲେ ନାହିଁ । ସେ ଜାଣିଥିଲେ ଯେ ରାଜା ତାଙ୍କ କନ୍ୟାକୁ ନିଶ୍ଚେ ଖୋଜାଖୋଜି କରିବେ ଏବଂ ରାଜଧାନୀରେ ଶ୍ରୀଦତ୍ତଙ୍କୁ ନ ଦେଖିଲେ ତାଙ୍କୁଇ ସନ୍ଦେହ କରିବେ । ତେଣୁ ସେ ତାଙ୍କର ଦୁଇଜଣ ବିଶ୍ୱସ୍ତ ବନ୍ଧୁଙ୍କୁ ଡାକି କହିଲେ, "ଏହାଙ୍କୁ ସାବଧାନରେ ମଥୁରା ନେଇଯାଅ । ମୁଁ ପରେ ତୁମମାନଙ୍କୁ ବାଟରେ ଭେଟିବି ।" ସଙ୍ଗେ ସଙ୍ଗେ ରାଜକନ୍ୟା ଓ ସେ ଦୁଇଜଣ ଘୋଡ଼ାରେ ବସି ମଥୁରା ଆଡ଼କୁ ଚାଲିଲେ ।

କିନ୍ତୁ ମଥୁରାରେ ପହଞ୍ଚିବା ପୂର୍ବରୁ ରାଜାଙ୍କର କେତେ ଜଣ ସୈନ୍ୟ ସେମାନଙ୍କୁ ପଛରୁ ଅଟକାଇ ସେମାନଙ୍କ ହାତରୁ ରାଜକନ୍ୟାଙ୍କୁ ଛଡ଼ାଇନେଲେ । ଶ୍ରୀଦତ୍ତ ଅନ୍ୟ ଏକ ରାସ୍ତାରେ

Digitized by srujanika@gmail.com

ଯାଇ ବନ୍ଧୁମାନଙ୍କୁ ଭେଟିଲେ ଏବଂ ତାଙ୍କଠାରୁ ସମସ୍ତ ଘଟନା ଜାଣିପାରି କହିଲେ, "ତୁମେ ବ୍ୟସ୍ତ ହୁଅ ନା । ମୋ ତରବାରି ଅବ୍ୟର୍ଥ । ଯେତେ ଲୋକ ହେଲେ ମଧ୍ୟ ମତେ ହରାଇ ପାରିବେ ନାହିଁ । ମୁଁ ଯାଉଛି ରାଜକନ୍ୟାଙ୍କୁ ଉଦ୍ଧାର କରି ଆଣିବି ।"

ଏହା କହି ସେ ବଜ୍ରକୂଳବେଗରେ ଘୋଡ଼ା ଦଉଡ଼ାଇ ରାସ୍ତାରେ ସୈନ୍ୟମାନଙ୍କୁ ଭେଟିଲେ । ତାଙ୍କ ତରବାରି ସାହାଯ୍ୟରେ ସମସ୍ତଙ୍କୁ ତଳେ ପକାଇଦେଇ ମୃଗାଙ୍କବତୀଙ୍କୁ ଘେନି ବନ୍ଧୁମାନଙ୍କ ସାଙ୍ଗରେ ପୁଣି ଆସି ଯୋଗ ଦେଲେ ।

ଏହାପରେ ରାଜକନ୍ୟାଙ୍କ ସହିତ ଶ୍ରୀଦତ୍ତ ଓ ତାଙ୍କର ବନ୍ଧୁମାନେ ମଥୁରା ଚାଲିଗଲେ । ସେଠାରେ ପ୍ରଧାନ ମନ୍ତ୍ରୀଙ୍କୁ ଦେଖାକରି ଶ୍ରୀଦତ୍ତ ସବୁ ବିଷୟ ଜଣାଇବାରୁ ସେ କହିଲେ, "ବାବା ଶ୍ରୀଦତ୍ତ, ଆଜିଠାରୁ ତୁମେ ମୋର ପୁତୁରା ନୁହଁ, ପୁଅ । ଏ ଝିଅ ବର୍ତ୍ତମାନ ଏଠାରେ ରହନ୍ତୁ । ଯଦି ସେ ରାଜି ହୁଅନ୍ତି, ମୁଁ ମଧ୍ୟ ତାଙ୍କୁ ବୋହୂ କରିନେବି । ସେ ଦାୟିତ୍ୱ ମୋର ।"

ରାଜକୁମାରୀ ମୁହଁ ତଳକୁ ପୋତି ନିଜର ସମ୍ମତି ଜଣାଇଲେ ।

ପରେ ପରେ ପ୍ରଧାନ ମନ୍ତ୍ରୀ ଶ୍ରୀଦତ୍ତ ଓ ମୃଗାଙ୍କବତୀଙ୍କୁ ସାଙ୍ଗରେ ନେଇ ଉଜ୍ଜୟିନୀ ଗଲେ ଏବଂ ରାଜାଙ୍କୁ ଦେଖାକଲେ । ଏତେ ଦିନଯାଏ ଝିଅର କୌଣସି ଖବର ନ ପାଇ ରାଜା ମହାଦୁଃଖରେ ଥିଲେ । ହଠାତ୍ ତାଙ୍କୁ ଦେଖି ଆନନ୍ଦରେ କୋଳକୁ ନେଇ କହିଲେ, "ତୁ ଆଜିଯାଏ କୁଆଡେ ଥିଲୁ ମା ?"

ମୃଗାଙ୍କବତୀ କହିଲେ, "ବାପା, ମତେ କ୍ଷମା କରନ୍ତୁ ।"

ତାପରେ ମଥୁରାର ପ୍ରଧାନ ମନ୍ତ୍ରୀ ଶ୍ରୀଦତ୍ତଙ୍କ ପୂର୍ଣ୍ଣ ପରିଚୟ ଦେଇ ରାଜାଙ୍କୁ ସମସ୍ତ ବିଷୟ ଜଣାଇଲେ । ରାଜା ଆନନ୍ଦିତ ହୋଇ କହିଲେ, "ସେ ଥରେ କୌଣସି ପୁରସ୍କାର ନ ନେଇ ମୋ କନ୍ୟାର ଜୀବନରକ୍ଷା କରିଥିଲେ । ଆଜି ସେହି ପୁରସ୍କାର ଗ୍ରହଣ କରନ୍ତୁ । ମୁଁ ତାଙ୍କ ହାତରେ ମୋ କନ୍ୟାକୁ ସମର୍ପଣ କରୁଛି ।"

ରାଜପୁରୀରେ ଆନନ୍ଦର ଲହରୀ ଖେଳିଗଲା । ଶ୍ରୀଦତ୍ତଙ୍କ ସଙ୍ଗେ ମୃଗାଙ୍କବତୀଙ୍କର ବିବାହ ଶୁଭଲଗ୍ନରେ ସମ୍ପନ୍ନ ହେଲା ।

Digitized by srujanika@gmail.com

କିଛିଦିନ ପରେ ମଥୁର ଓ ଉଜ୍ଜୟିନୀ ସୈନ୍ୟଙ୍କ ସାହାଯ୍ୟରେ ଶ୍ରୀଦତ୍ତ ପାଟଳିପୁତ୍ର ଆକ୍ରମଣ କଲେ । ଯକ୍ଷଠାରୁ ପାଇଥିବା ତରବାରିରେ ବକ୍ରମଙ୍କୁ ହତ୍ୟା କରି ପିତୃମାତୃ-ହତ୍ୟାର ପ୍ରତିଶୋଧ ନେଲେ । ଅତ୍ୟାଚାରୀ ରାଜାହାତରୁ ମୁକ୍ତ ପାଇ ସେଠାର ପ୍ରଜାମାନେ ଆନନ୍ଦରେ ଶ୍ରୀଦତ୍ତଙ୍କୁ ସିଂହାସନରେ ବସାଇଦେଲେ ।

ତଳ ଚିତ୍ର ଦୁଇଟି ମଧ୍ୟରେ କ କ ପ୍ରଭେଦ ଅଛି ବାହାର କର ।



Digitized by srujanika@gmail.com

ମଣିଷଛୁଆର ଗଧିଆ ମା

ଅତି ପ୍ରାଚୀନ କାଳରେ ପୃଥିବୀରେ ଯେଉଁ ଅଳ୍ପ କେତୋଟି ବଡ଼ ସହର ଥିଲା, ରୋମ ତା ମଧ୍ୟରୁ ଗୋଟିଏ । ଏବେ ମଧ୍ୟ ଏହା ଇଉରୋପର ଏକ ବଡ଼ ସହର ଏବଂ ଇଟାଲିର ରାଜଧାନୀ । କିଏ ଏ ସହର ପ୍ରଥମେ ବସାଇଥିଲେ ଏବଂ କିଏ ଏହାର ନାମ ଦେଇଥିଲେ, ସେ ବିଷୟରେ ଗୋଟିଏ ସୁନ୍ଦର କାହାଣୀ ଅଛି ।

ଅନେକ ବର୍ଷ ତଳେ ଇଟାଲିରେ ଜଣେ ରାଜା ଥିଲେ । ତାଙ୍କର ଦୁଇ ପୁଅଙ୍କୁ ଛାଡ଼ି ସେ ମରିଗଲେ । ତାଙ୍କ ଅନ୍ତେ ବଡ଼ ପୁଅ ନିଉମିଟର୍ ରାଜା ହେବା କଥା, କିନ୍ତୁ ତାହା ହେଲା ନାହିଁ । ସାନ ପୁଅ ଏମୁଲିଅସ୍ ରାଜଗାଦି ମାଡ଼ିବସିଲା । ନିଉମିଟର୍ ଅତି ସରଳ ଲୋକ ଥିବାରୁ ସାନଭାଇକୁ କହିଲେ, "ମୁଁ ତୋ ସଙ୍ଗେ କଳି କରିବାକୁ ଚାହେଁ ନାହିଁ । ତୁ ରାଜା ହୋଇ ଶାନ୍ତିରେ ରହ । ବାପାଙ୍କ ସମ୍ପତ୍ତିରୁ ଯଦି ମତେ କିଛି ଦବୁ, ମୁଁ ସେତିକି ନେଇ ଆନନ୍ଦରେ ଚାଲିଯିବି ।"

କିନ୍ତୁ ସେ ଦୁଷ୍ଟ ଭାଇ ତାଙ୍କୁ କିଛି ସମ୍ପତ୍ତି ତ ଦେଲା ନାହିଁ, ଓଲଟି ନଅରରୁ ତଡ଼ିଦେଲା । ନିଉମିଟର୍ ତାଙ୍କ ସ୍ତ୍ରୀ ଓ ପିଲା ଦୁଇଟିଙ୍କୁ ଧରି ଗୋଟିଏ ଗାଁକୁ ଚାଲିଗଲେ ଏବଂ ସେଠାରେ ଗୃହବାସ କରି ରହିଲେ ।

ଦୁଷ୍ଟ ଏମୁଲିଅସ୍ ଭାବିଲା ବଡ଼ ଭାଇ ଯେପରି ସରଳ ଲୋକ, ସେ ମୋ ସାଙ୍ଗେ କେବେ ଲଢ଼ିବେ ନାହିଁ । କିନ୍ତୁ ତାଙ୍କର ଯେଉଁ ପୁଅଝିଅ ଦୁଇଟା ଅଛନ୍ତି, ବଡ଼ ହେଲେ ସେମାନେ କଣ କରିବେ କିଏ ଜାଣେ ? "ମୂଳ୍କୁଁ ମାଇଲେ ଯିବ ସରି, ଦେବଙ୍କ ସଙ୍ଗେ କପାଁ କଳି ?" ଏହା ଭାବି ସେ ବଡ଼ଭାଇଘରକୁ ଲୋକ ପଠାଇ ସେ ପିଲାଦୁହିଁଙ୍କୁ ବଳାତ୍କାରରେ ଧରି ଆଣିଲା । କିଛିଦିନ ପରେ କୌଶଳ କରି ପୁଅକୁ ଜୀବନରେ ମାରିଦେଲା ଏବଂ ଝିଅକୁ ଜେଲଖାନାରେ ବନ୍ଦୀ କରି ରଖିଲା ।

ଏ ଘଟଣାରେ ନିଉମିଟର୍ ଦୁଃଖରେ ଅଧୀର ହୋଇ ପଡ଼ିଲେ, ମାତ୍ର ଏତିକିରେ ତାଙ୍କ ଦୁଃଖ ସରିଲା ନାହିଁ । ବନ୍ଦୀଶାଳାରେ ଥିବାବେଳେ ସେ ଝିଅଟି ଦିନେ ଏକ ଅଦ୍ଭୁତ

Digitized by srujanika@gmail.com

ସ୍ୱପ୍ନ ଦେଖିଲା । ଶୋଇବା ପୂର୍ବରୁ ସେ ମୁଣ୍ଡରେ ଦୁଇଟି ପର ଖୋସି ଶୋଇଥିଲା । ସେ ଦେଖିଲା ପର ଦୁଇଟି ବଢ଼ି ବଢ଼ି ଗଛ ହୋଇଯାଇଛି ଏବଂ ତା ଅଗ ଆକାଶରେ ଲାଗିଛି । ତାର ମନେ ହେଲା ସ୍ୱର୍ଗର ଦେବତା ତାକୁ ଛୁଇଁଦେଇଯାଇଛନ୍ତି । ତାର ନିଶ୍ଚେ ମଙ୍ଗଳ ହେବ ।

ଏହାର କିଛୁଦିନପରେ ତାର ଦୁଇଟି ଯାଆଁଳା ପୁଅ ଜନ୍ମ ହେଲେ । ଦୁଷ୍ଟ ରଜା ଯେମିତି ଏ ଖବର ପାଇଛି, ତା ମୁଣ୍ଡ ବିଗିଡ଼ିଗଲା । ସେ ତାର ଜଣେ ବିଶ୍ୱସ୍ତ ଚାକରକୁ ହୁକୁମ ଦେଲା, "ସେ ଝିଅଟାକୁ ମାରଦେ, ଆଉ ତାର ପିଲାଦୁଇଟାଙ୍କୁ ନଈରେ ଭସେଇ ଦେଇଆ । ତା ନ ହେଲେ ତୋ ଜୀବନ ରଖିବନାହିଁ ।" ଚାକର ବାଧ୍ୟ ହୋଇ ତା ଆଦେଶ ପାଳନ କଲା । ଛାତିକୁ ପଥର କରି ନିଜମିଠର୍ ଏ ଦୁଃଖ ମଧ୍ୟ ସହିଲେ । ସେ କେବଳ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥାନ୍ତି, "ହେ ପ୍ରଭୁ ! ଏମୁଲଅସ୍‌କୁ ସୁବୁଦ୍ଧି ଦିଅ ।"

ଟୋକେଇଟି ଭାସି ଭାସି ଗୋଟିଏ ପାହାଡ଼ କଡ଼ରେ ଲାଗିଲା । ସେ ପର୍ଯ୍ୟନ୍ତ ପିଲା-ଦୁଇଟି ନିଦରେ ଶୋଇପଡ଼ିଥିଲେ । ଭୋକ ହେବାରୁ ସେମାନଙ୍କ ନିଦ ଭାଙ୍ଗିଗଲା ଏବଂ ସେମାନେ କାନ୍ଦିଉଠିଲେ । ପାଖରେ ଥିବା ଗୁମ୍ଫାରେ ଗୋଟାଏ ମାଈ ଗଧିଆ ରହୁଥିଲା । ସେ ତାଙ୍କର କାନ୍ଦ ଶୁଣି ଗୁମ୍ଫାରୁ ବାହାରି ଆସିଲା ଏବଂ ଶୁଂଘି ଶୁଂଘି ଟୋକେଇ ପାଖକୁ ଗଲା । ଭିତରକୁ ଚାହିଁଦିଏ ତ, ଦୁଇଟି ଜୀଅନ୍ତା ମଣିଷଛୁଆ, ଯାହାଙ୍କର କଅଁଳ ମାଂସ ତାର ଅତି ପ୍ରିୟ ଖାଦ୍ୟ ।

କିନ୍ତୁ ବିଧିର ବିଧାନ ବିଚିତ୍ର ! 'ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ !' ଗଧିଆ କଣ ବିଚାରିଲା କେଜାଣି, ଚାଟି ଚାଟି ପିଲାଙ୍କ ଦେହକୁ ସଫା କଲା ଏବଂ ଦାନ୍ତରେ ଭିଡ଼ି ଭିଡ଼ି ସେ ଟୋକେଇଟିକୁ ତା ଗୁମ୍ଫା ଭିତରକୁ ନେଇଗଲା । ପିଲାଙ୍କ ପାଟି ସିଧା ନିଜ ପେଟକୁ ରଖିବାରୁ ସେମାନେ ତାକୁ ନିଜ ମା ବିଚାରି ତାଠାରୁ ଦୁଧ ଖାଇଲେ ଏବଂ ଚୁନ ହୋଇଗଲେ ।

ଗଧିଆମାଆଠାରୁ ଦୁଧ ଖାଇ ପିଲା ଦୁଇଟି ଗୁମ୍ଫା ଭିତରେ ବଢ଼ିବାକୁ ଲାଗିଲେ । କିନ୍ତୁ ଦିନକୁ ଦିନ ସେମାନଙ୍କର ପେଟ ବଢ଼ିବାରୁ ଗଧିଆ ଦୁଧରେ ଆଉ ପେଟ ପୂରିଲା ନାହିଁ । ଏହା ଦେଖି ସ୍ୱର୍ଗର ଦେବତା ଏକ ଉପାୟ କଲେ । ଶାଗୁଣା ରୂପରେ ଆସି ପ୍ରତିଦିନ ସେ ପିଲାଙ୍କ ପାଟିରେ ଆହାର ଦେଇଗଲେ ।

Digitized by srujanika@gmail.com

ଦିନକର କଥା । ଜଣେ ଲୋକ ସେ ପାହାଡ଼ ପାଖରେ ବୁଲୁବୁଲୁ ଦେଖିଲା ଟୋକେଇଟାଏ ଗୁମ୍ଫା ମୁହଁରେ ପଡ଼ିଛି । ଦୁଇଟି ଶାଗୁଣା ଥଣ୍ଟରେ କଣ ଜିନିଷ ଧରି ଗୁମ୍ଫା ଭିତରକୁ ପଶିଗଲେ । ପରେ ପରେ ହେଟାବାଘଟାଏ ତା ଭିତରୁ ବାହାରି ଆସିଲା ଏବଂ ଶାଗୁଣା ଦୁଇଟି ମଧ୍ୟ ଆକାଶକୁ ଉଡ଼ିଗଲେ । କିନ୍ତୁ ଏଥର ତାଙ୍କ ଥଣ୍ଟରେ କିଛି ନ ଥିଲା ।

ମନରେ ସନ୍ଦେହ ହେବାରୁ ଲୋକଟି ଗୁମ୍ଫା ଭିତରେ ପଶିଲା । ଯାହା ଦେଖିଲା ସେଥିରେ ତାର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଏଡ଼େ ସୁନ୍ଦର ପିଲାଦିଓଟି ଏଠାକୁ କିପରି ଆସିଲେ ! ତାର କୌଣସି ପିଲାପିଲି ନ ଥିଲେ । ସେ ଭାବିଲା—ସେଇଥିପାଇଁ ବୋଧହୁଏ ଭଗବାନ ତାକୁ ଏ ଗୁମ୍ଫା ଭିତରକୁ ଟାଣି ଆଣିଛନ୍ତି । ପିଲାଦୁହିଁଙ୍କୁ କାଖରେ ଧରି ସେ ଘରକୁ ଗଲା ଏବଂ ତା ସ୍ତ୍ରୀ ଆଗରେ ସମସ୍ତ ଘଟଣା କହିଲା । ଦୁହେଁ ଅତି ଯତ୍ନରେ ସେ ପିଲାଦୁଇଟିଙ୍କୁ ଧରମପୁଅରୂପେ ପାଳିଲେ । ସେମାନଙ୍କର ନାମ ଦେଲେ ରୋମୁଲସ୍ ଓ ରେମସ୍ ।

ଏ ଲୋକଟି ରଜାଘର ଗାଈ ଜଗେ । ପିଲାଦୁହେଁ ବଡ଼ ହୋଇଯିବାରୁ ବାପକୁ ଗାଈଜଗା କାମରେ ସାହାଯ୍ୟ କଲେ । ସେମାନେ ଯେଉଁଠି ଗାଈ ଚରାନ୍ତି, ତା ପାଖରେ ତାଙ୍କ ଅଜା

Digitized by srujanika@gmail.com

ନାଜମିଟରଙ୍କ ଗୃହଜମି । ଦିନେ ରେମସ୍ ଗାଈ ଜଗୁଥିବାବେଳେ ତାର ଗୋଟିଏ ଗାଈ ନାଜମିଟରଙ୍କ ଜମିରେ ପଶି ଫସଲ ଖାଇଗଲା । ଏହା ଦେଖି ତାଙ୍କ ଲୋକ ରେମସ୍‌କୁ ଧରି ନେଇଗଲେ ତା ମାଲିକପାଖକୁ ।

ନାଜମିଟର ଯେମିତି ରେମସ୍ ମୁହଁକୁ ଚାହିଁ ଦେଇଛନ୍ତି, ତାଙ୍କ ଝିଅର ମୁହଁ ଆଖି ଆଗରେ ନାଚି ଉଠିଲା । ସେ ଭାବିଲେ, 'ସାନ ଭାଇ ତ ବନ୍ଧୁବନରୁ ତାକୁ ଧରି ନେଇ ବନ୍ଦୀଶାଳାରେ ମାରିଦେଇଛି, ଆଜ ଏ ପିଲାକୁ ଦେଖିଲାକ୍ଷଣି ତା ମୁହଁ କାହିଁକି ମନେପଡ଼ିଲା ମୋର !' ସେ କିଛି ବୁଝି ନ ପାରି ଆଶ୍ଚର୍ଯ୍ୟ ହୋଇ ତାକୁ ପଚାରିଲେ, "ତୋର ଆଉ କିଏ ଅଛି ରେ ପିଲା ?" ରେମସ୍ ଉଚ୍ଚ ସ୍ୱରରେ କହିଲା, "ମୋର ଆଉ ଜଣେ ଭାଇ ଅଛି । ତା ଛଡ଼ା ଧରମବାପ ଓ ଧରମମାଆ ଅଛନ୍ତି ।"

ଠିକ୍ ଏତିକବେଳେ ରୋମୁଲସ୍ ଓ ତା ଧରମବାପା ରେମସ୍‌କୁ ଖୋଜି ଖୋଜି ସେଠାରେ ଆସି ପହଞ୍ଚିଲେ । ନାଜମିଟର ସେ ଗାଈଜଗାଳିକୁ ଚିହ୍ନିଥିଲେ । ତାକୁ ପଚାରିଲେ, "ଏ ପିଲା କହୁଛି ତୁମେ କୁଆଡ଼େ ତାକୁ ଆଉ ତା ଭାଇକି ଧରମପୁଅ ରୂପେ ପାଳିଛ । ସତ କଥା ?"

"ହଁ ଆଜ୍ଞା", ଗାଈଜଗାଳି ଉତ୍ତର ଦେଲା ।

"ତେବେ ପ୍ରକୃତରେ କାହା ପୁଅ ଏମାନେ ?" ନାଜମିଟର ପଚାରିଲେ ।

"ସେ କଥା ମତେ ଜଣାନାହିଁ ଆଜ୍ଞା । ଦିନେ ଗୋଟାଏ ଗୁମ୍ଫା ମୁହଁରେ ଚୋକେଇଟିଏ ପଡ଼ିଥିବାର ଦେଖି ଚୁପ୍ ଚୁପ୍ ପାଖକୁ ଗଲି । ଦେଖିଲି ଗଧିଆଟାଏ ବାହାରିଆସୁଛି । ଦୁଇଟି ଶାଗୁଣା ଥଣ୍ଟରେ ଆହାର ଧରି ଗୁହା ଭିତରକୁ ଗଲେ, ପୁଣି ବାହାରି ଆସିଲେ । କୌତୂହଳୀ ହୋଇ ମୁଁ ଗୁହାଭିତରକୁ ଚାହିଁ ଦେଖେ ଦୁଇଟି ମଣିଷ ପିଲା‥‥ ।" ତାପରେ ଆଉ ଯାହା ଘଟିଥିଲା ସେ କହିଗଲା ।

ନାଜମିଟର ତାକୁ କହିଲେ, "ତୁମେ ବୋଧହୁଏ ଜାଣି ନ ଥିବ ରାଜା ମୋ ଝିଅକୁ ମାରି ତା ଦୁଇ ପୁଅଙ୍କୁ ନଈରେ ଭସେଇଦେଇଥିଲା । କେମିତି ବା ଜାଣିବ ? ସେ ତ ସବୁ ଗୋପନରେ କରିଛି । ଏ ଦୁହେଁ ନିଶ୍ଚେ ସେଇ ପିଲା, ଏଥିରେ ସନ୍ଦେହ ନାହିଁ । ସେଥିପାଇଁ ତାଙ୍କୁ ଦେଖିଲାବେଳୁ ମୋର ଝିଅକଥା ମନେ ପଡ଼ିଗଲା । ଅବିକଳ ସେଇ ରୂପ, ସେଇ ଚେହେରା !" ତାପରେ ସେ ପିଲାଙ୍କ ଆଡ଼କୁ ହାତ ବଢ଼ାଇ କହିଲେ, "ମୁଁ ତୁମ ଅଜା, ରେ ପିଲାଏ ।

Digitized by srujanika@gmail.com



ଆସ, ମୋ କୋଳକୁ ଟିକିଏ ଆସ । ତୁମେ ଜୀବନରେ ଥିବ ବୋଲି ମୁଁ ଭାବି ନ ଥିଲି; କିନ୍ତୁ ସବୁ ଈଶ୍ୱରଙ୍କ ଇଚ୍ଛା ।"

ସେ ପିଲା ଦୁହେଁ ଯେତିକି ଜାଣିଲେ ଯେ ତାଙ୍କ ମାଆଙ୍କୁ ଓ ମାମୁଙ୍କୁ ମାରିଦେଇ ରାଜା ସେମାନଙ୍କୁ ମଧ୍ୟ ନଈରେ ଭସେଇ ଦେଇଥିଲା, ସେମାନଙ୍କର କ୍ରୋଧର ସୀମା ରହିଲାନାହିଁ । ସେମାନେ ସେହିଦିନ ମନେ ମନେ ପ୍ରତିଜ୍ଞା କଲେ ସେ ଦୁଷ୍ଟ ରାଜାକୁ ଉଚିତ ଶାସ୍ତି ଦେବେ । ନିଉମିଟର ସେ ଗାଈଜଗାଳିକୁ ଉପଯୁକ୍ତ ପୁରସ୍କାର ଦେଇ ବିଦା କରିଦେଲେ ଏବଂ ନାତିଦୁହିଁଙ୍କୁ ନିଜ ପାଖରେ ରଖିଲେ ।

ଏମୁଲିଅସ୍ ବେଶି ଦିନ ରାଜଗାଦିରେ ରହିପାରିଲା ନାହିଁ । ତା ଅତ୍ୟାଚାରରୁ ରକ୍ଷା ପାଇବାପାଇଁ ପ୍ରଜାମାନେ ବାଟ ଖୋଜୁଥିଲେ । ତେଣୁ ରୋମୁଲସ୍ ଓ ରେମସ୍ ଅତି ସହଜରେ ସୈନ୍ୟ ସଂଗ୍ରହ କରି ରାଜଧାନୀ ଆକ୍ରମଣ କଲେ । ଦୁଷ୍ଟ ରାଜାକୁ ଯୁଦ୍ଧରେ ମାରି ସେ ଦୁଇ ଭାଇ ଅଜାଙ୍କୁ ରାଜଗାଦିରେ ବସାଇଲେ ।

ତାପରେ ଦୁହେଁ ବାହାରିଲେ ଯେଉଁ ପାହାଡ଼ଗୁମ୍ଫାରେ ଗଧିଆ ସେମାନଙ୍କୁ ପାଳିଥିଲା,

Digitized by srujanika@gmail.com

ସେଇ ପାହାଡ଼ ଉପରେ ଗୋଟିଏ ନୂଆ ସହର ତୋଳି ତାକୁଇ ରାଜଧାନୀ କରିବେ । କିନ୍ତୁ ଅଜାଙ୍କପରେ ସେ ଦୁଇ ଭାଇଙ୍କ ଭିତରୁ ରାଜା ହେବ କିଏ ? ଏହା ସ୍ଥିର ହୋଇ ପାରିଲା ନାହିଁ । ତେଣୁ ତାଙ୍କ ଅଜା ସେମାନଙ୍କୁ ଡାକି କହିଲେ, ଶୁଣ ପିଲାଏ । କଳି କରନା । ଯେଉଁ ଦେବତା ତୁମର ଜୀବନ ରକ୍ଷାକରି ଏ ପର୍ଯ୍ୟନ୍ତ ତୁମକୁ ପାଳି ଆସିଛନ୍ତି, ସେ ନିଶ୍ଚୟ ଏ ବିଷୟ ନିଷ୍ପତ୍ତି କରିଦେବେ । ତୁମେ ପାହାଡ଼ ଉପରକୁ ଯାଇ ତାଙ୍କୁ ପ୍ରାର୍ଥନା କରି ଏହା ଜଣାଅ ।"

ରୋମୁଲସ୍ ଓ ରେମସ୍ ଅଜାଙ୍କ କଥା ମାନି ସେଇଆ କଲେ । ଦେଖାଗଲା ପ୍ରାର୍ଥନା କଲାବେଳେ ଛଅଟି ଶାଗୁଣା ରେମସ୍ ମୁଣ୍ଡଉପରେ ଏବଂ ବାରଟି ଶାଗୁଣା ରୋମୁଲସ୍ ମୁଣ୍ଡଉପରେ ଉଡ଼ୁଥିଲେ । ଏହା ଶୁଣି ନିଉମିଟର ନାତିଦୁହିଁଙ୍କୁ କହିଲେ, "ଦେବତାଙ୍କ ଇଚ୍ଛା ସ୍ପଷ୍ଟ ଜଣା ପଡ଼ିଗଲା । ରୋମୁଲସ୍ ରାଜା ହେବ ।"

ସେହି ଅନୁସାରେ ରୋମୁଲସ୍ ପାହାଡ଼ ଉପରେ ଗୋଟିଏ ନୂଆ ସହର ତୋଳାଇଲେ ଏବଂ ନିଜ ନାଁ ଅନୁସାରେ ତାର ନାମ ଦେଲେ 'ରୋମ' । ଏହି ସହର ଆଜି ମଧ୍ୟ ପୃଥିବୀର ଏକ ପ୍ରସିଦ୍ଧ ସହରରୂପେ ଶୋଭା ପାଉଛି ।

Digitized by srujanika@gmail.com

ସୁବର୍ଣ୍ଣ ବୀଣା

ଗ୍ରୀସ୍ ଦେଶରେ କରିନ୍ଥ ବୋଲି ଗୋଟିଏ ସହର ଅଛି । ବହୁ ପୂର୍ବକାଳରେ ସେହି ସହରରେ ଏରିଅନ୍ ନାମରେ ଜଣେ ଲୋକ ଥିଲେ । ତାଙ୍କର ଗୋଟିଏ ସୁନାର ବୀଣା ଥିଲା । ସେ ସେହି ବୀଣା ବଜାଇ ଏତେ ସୁନ୍ଦର ଗୀତ ଗାଇ ପାରୁଥିଲେ ଯେ ବୁଲିପାଉଥିବା ବାଟୋଇ ତାହା ଶୁଣିବାପାଇଁ କାଠରେ ଅଟକି ରହୁଥିଲା । ଲୋକମୁଖରୁ ତାଙ୍କର ପ୍ରଶଂସା ଶୁଣି କରିନ୍ଥର ରାଜା ଦିନେ ତାଙ୍କୁ ଦରବାରକୁ ଡକାଇ ପଠାଇଲେ । ଏରିଅନ୍ ଯେତେବେଳେ ବୀଣାର ଝଙ୍କାର ସଙ୍ଗେ କଣ୍ଠ ମିଳାଇ ଗୀତ ଗାଇଲେ, ରାଜା ମୁଗ୍ଧ ହୋଇଗଲେ । ସେ ଆସନରୁ ଉଠିଯାଇ ତାଙ୍କୁ ଆନନ୍ଦରେ କୁଣ୍ଢାଇ ପକାଇ କହିଲେ, "ଏରିଅନ୍, ତୁମେ ଏଠାରେ ସବୁଦିନେ ରହି ମତେ ତୁମର ଗୀତ ଶୁଣାଇବ ।" ଏରିଅନ୍ ମନା କରିପାରିଲେ ନାହିଁ । ସେହିଦିନଠାରୁ ରାଜାଙ୍କର ଜଣେ ପରମ ବନ୍ଧୁ ରୂପେ ସେ ରାଜଦରବାରରେ ରହିଲେ ।

କିନ୍ତୁ ଗୋଟାଏ ସ୍ଥାନରେ ସବୁଦିନେ ରହିବାକୁ ଏରିଅନ୍‌ଙ୍କୁ ସୁଖ ଲାଗିଲା ନାହିଁ । ତାଙ୍କର ମନ ହେଲା, ନଦୀ, ସମୁଦ୍ର, ପର୍ବତ ଓ ନୀଳ ଆକାଶର ଶୋଭା ଦେଖି ଦେଖି ସେ ଦେଶବିଦେଶରେ ବୁଲନ୍ତେ ଏବଂ ଲୋକମାନଙ୍କୁ ଗୀତ ଶୁଣାନ୍ତେ । ଦିନେ ରାଜାଙ୍କୁ ସେ ତାଙ୍କର ଇଚ୍ଛା ଜଣାଇଲେ, ମାତ୍ର ତାଙ୍କୁ ପାଖରୁ ଛାଡ଼ିବାକୁ ରାଜା ଆଦୌ ରାଜି ହେଲେ ନାହିଁ । ଏରିଅନ୍ ବାରମ୍ବାର ଅନୁରୋଧ କରିବାପରେ ରାଜା ବାଧ୍ୟ ହୋଇ ତାଙ୍କୁ ବିଦେଶ ଯିବାକୁ ଅନୁମତି ଦେଲେ ।

ବନ୍ଧୁମାନଙ୍କଠାରୁ ବିଦାୟ ନେଇ ଏରିଅନ୍ ସିସିଲି ଯିବାକୁ ସ୍ଥିର କଲେ । ପାଲଟଣା ଜାହାଜରେ କିଛିଦିନ ଜଳଯାତ୍ରା କଲାପରେ ସେ ସିସିଲିରେ ପହଞ୍ଚିଲେ । ସେଠାକାର ମନୋହର ଦୃଶ୍ୟ ଦେଖି ସେ ଅତ୍ୟନ୍ତ ମୁଗ୍ଧ ହେଲେ ଏବଂ ବିଭିନ୍ନ ସ୍ଥାନରେ ବୁଲି ବୁଲି ଲୋକମାନଙ୍କୁ ସଙ୍ଗୀତ ଶୁଣାଇଲେ । ତାଙ୍କର ସୁଖ୍ୟାତି ଚାରିଆଡ଼େ ବ୍ୟାପିଗଲା । ଦୂରଦୂରାନ୍ତରୁ ଲୋକମାନେ ବହୁମୂଲ୍ୟ ଉପହାରମାନ ନେଇ ତାଙ୍କ ବୀଣାର ଝଙ୍କାର ଶୁଣିବାକୁ ଆସିଲେ । ସୁନାରୂପାରେ ଏରିଅନ୍‌ଙ୍କ ବାକ୍ସଗୁଡ଼ିକ ପୂର୍ଣ୍ଣ ହୋଇଗଲା ।

Digitized by srujanika@gmail.com

କିନ୍ତୁ ଏରିଅନ୍ ସେଠାରେ ମଧ୍ୟ ବେଶିଦିନ ରହିଲେ ନାହିଁ । ପ୍ରିୟ ଜନ୍ମଭୂମିକୁ ଫେରି-ଯିବାକୁ ତାଙ୍କ ମନ ଅସ୍ଥିର ହେଲା । ତାଙ୍କର ମନେ ପଡ଼ିଲା କରିନ୍ଥ୍‌ର ରାଜା ତାଙ୍କୁ କେତେ ସ୍ନେହ ଆଦର କରୁଥିଲେ । ଧନ କମେଇବା ନିଶାରେ ସେ କଣ ସବୁ ଭୁଲିଯିବେ ? କଦାପି ନୁହେଁ । ତାଙ୍କ ହାତରେ ଯଥେଷ୍ଟ ଧନ ହେଲାଣି; ଆଉ ଅଧିକ ଧନରେ କି ପ୍ରୟୋଜନ ? ଏଥର ସ୍ୱଦେଶକୁ ଫେରିଯିବାକୁ ହେବ । ଦିନେ ତାଙ୍କର ସୁବର୍ଣ୍ଣ ବୀଣା ଓ ଧନରତ୍ନ ସବୁ ଧରି ସେ ଜାହାଜରେ ବସି କରିନ୍ଥ୍ ଯାତ୍ରା କଲେ ।

ନାବିକମାନେ ଦେଖିଲେ ଜଣେ ଲୋକ ଗୋଟାଏ କଣ ଅଦ୍ଭୁତ ଯନ୍ତ୍ର ଧରି ତାଙ୍କ ଜାହାଜର ଏକ ପ୍ରାନ୍ତରେ ବସିଛି । ତା ସାଥିରେ ଅଛି କେତୋଟି ଓଜନିଆ ବାକ୍ସ । ଯାତ୍ରୀମାନଙ୍କୁ ପଚାରି ସେମାନେ ଜାଣିଲେ ଯେ ସେ ହେଉଛନ୍ତି କରିନ୍ଥ୍‌ର ପ୍ରସିଦ୍ଧ ବୀଣାବାଦକ ଏରିଅନ୍ । ସିସିଲିର ଲୋକଙ୍କୁ ଗୀତ ଶୁଣାଇ ସେ ପ୍ରଚୁର ଧନରତ୍ନ ପାଇଛନ୍ତି ଏବଂ ସେଇ ଜାହାଜରେ ଦେଶକୁ ଫେରୁଛନ୍ତି । ଏକଥା ଜାଣିବାପରେ ସେମାନଙ୍କୁ ଲୋଭ ଗ୍ରାସିଲା । ଏତେଗୁଡ଼ାଏ ବାକ୍ସ ସୁନାରୁପାରେ ଭର୍ତ୍ତି ହୋଇଛି । ପୁଣି ଜଣେ ମାତ୍ର ଲୋକ ତାର ମାଲିକ, ତା ସାଥିରେ ଅନ୍ୟ କେହି ନାହିଁ । ଏଇ ସୁଯୋଗରେ ଲୋକଟାକୁ ମାରିଦେଇ ତା ଧନତକ ଲୁଟି କରିନେଲେ ଜାଣିବ କିଏ ? ଏହିପରି ମନ୍ତ୍ରଣା କରି ସେମାନେ ଠିକ୍ କଲେ ମଝି ସମୁଦ୍ରରେ ଏରିଅନ୍‌ଙ୍କୁ ପାଣିକୁ ଠେଲି ଦେଇ ତାଙ୍କ ସୁନାରୂପା ନେଇଯିବେ ।

ବୋଇତ ଢେଉ କାଟି କାଟି ଆଗେଇ ଚାଲିଥାଏ । ଏରିଅନ୍ ତନ୍ମୟ ହୋଇ ସମୁଦ୍ରର ଶୋଭା ଦେଖୁଥାନ୍ତି । ଏତେଦିନପରେ ପ୍ରଚୁର ସୁନାରୂପା ସାଙ୍ଗରେ ଧରି ସେ ଜନ୍ମଭୂମିକୁ ଫେରୁଛନ୍ତି । ନିଜର ଲୋକମାନଙ୍କୁ, ବିଶେଷ କରି କରିନ୍ଥ୍‌ର ରାଜାଙ୍କୁ ଭେଟିବେ । ମନ ଆନନ୍ଦରେ କେତେ ସୁଖସ୍ୱପ୍ନ ଦେଖୁଛନ୍ତି ! ଏହି ସମୟରେ ଜଣେ ନାବିକ ତାଙ୍କ ଆଗରେ ଆସି ଠିଆ ହେଲା ।

ଏରିଅନ୍ ତାକୁ ପଚାରିଲେ, "କଅଣ ଦରକାର ତୁମର ? ମୁଁ ଏଠି ଏକୁଟିଆ ବସି ରାଜାଙ୍କ ଉଦ୍ଦେଶ୍ୟରେ ଗୋଟିଏ ଗୀତ ରଚନା କରୁଥିଲି ।"

Digitized by srujanika@gmail.com

"ବୃଥା ପରିଶ୍ରମ କରୁଛ । ରାଜା କଣ ସେ ଗୀତ ଶୁଣି ପାରିବେ ?" ନାବିକ କହିଲା ।

ଏରିଅନ୍ ପଚାରିଲେ, "କାହିଁକି ?"

ନାବିକ କହିଲା, "ଆମେ ତୁମକୁ ଏଇଠି ମାରିଦେବୁ ।"

ଏରିଅନ୍ କହିଲେ, "ଯଦି ମୋ ସୁନାରୁପାରେ ତୁମର ଲୋଭ ହୋଇଛି, ତେବେ ସେ ସବୁଯାକ ନିଅ ପଛେ, ମତେ ମାର ନା । ମତେ ମାରିଦେଲେ ତୁମର କଣ ଲାଭ ହେବ ?"

"ସେକଥା ଆମେ ଜାଣୁ । ବଞ୍ଚି ରହିଲେ କରିନ୍ଥ୍‌ରେ ପହଞ୍ଚି ତୁମେ ଯେ ଆମକୁ ପୋଲିସରେ ଧରାଇ ନ ଦେବ, କି ବିଶ୍ୱାସ ଅଛି ?"

ନାବିକ କଥାରୁ ଏରିଅନ୍ ସ୍ପଷ୍ଟ ବୁଝିନେଲେ ଯେ ସେମାନେ ଏକାଠି ବିଚାର କରି ଏ ନିଷ୍ପତ୍ତି ନେଇଛନ୍ତି । ତେଣୁ ମୃତ୍ୟୁ ନିଶ୍ଚିତ ଜାଣି ସେ କହିଲେ, "ତେବେ ମୋର ଗୋଟିଏ ଅନୁରୋଧ ଅନ୍ତତଃ ରକ୍ଷା କର । ମରିବାପୂର୍ବରୁ ଶେଷଥର ପାଇଁ ଟିକିଏ ବୀଣା ବଜାଇବାକୁ ମୋର ଇଚ୍ଛା । ଦୟା କରି ସେତିକି କରିବାକୁ ମତେ ସମୟ ଦିଅ ।"

Digitized by srujanika@gmail.com

ନାବକମାନେ ହଁ କହିବାରୁ ଏରିଅନ୍ ତାଙ୍କର ଶ୍ରେଷ୍ଠ ପୋଷାକଟି ପିନ୍ଧି ବୀଣା ଧରିଲେ । ବୀଣାର ଝଙ୍କାର ସଙ୍ଗେ ତାଙ୍କର କରୁଣ କଣ୍ଠସ୍ୱର ମିଶି ଏକ ଅପୂର୍ବ ମାଧୁର୍ଯ୍ୟ ସୃଷ୍ଟି କଲା । ମନେହେଲା ଯେପରି ସମୁଦ୍ର ସେ ସଙ୍ଗୀତରେ ମୁଗ୍ଧ ହୋଇ ଢେଉ ତୋଳି ନାଚୁଛି !

ଜଣେ ନାବକ ପାଟିରୁ ହଠାତ୍ ବାହାରି ପଡ଼ିଲା, "କି ଚମତ୍କାର ସଙ୍ଗୀତ !" ସମସ୍ତେ ବି ସେଇଆ କହିଲେ । "ଏଭଳି ଜଣେ ଗାୟକ କୋଟିକେ ଗୋଟିଏ ମିଳିବା ଅସମ୍ଭବ । ଏହାଙ୍କୁ ମାରିଦେଲେ ଘୋର ପାପ ହେବ । ସତେ ଆମେ କେଡ଼େ ବଡ଼ ଭୁଲ କରିବାକୁ ବସିଥିଲୁ ।" ସମସ୍ତଙ୍କ ମୁହଁରେ ଅନୁତାପର ଚିହ୍ନ ଦେଖାଗଲା । କିନ୍ତୁ ଆଲୁଅ ପାଖରେ ଯେମିତି ଅନ୍ଧାର ଥାଏ, ଭଲ ପାଖେ ପାଖେ ସେମିତି ମନ୍ଦ ରହିଥାଏ । ଏଇ ମଣିଷର ମନ ଭିତରେ ସେହିପରି ଭଲମନ୍ଦ ଦୁଇଟି ରହିଛି । ଜଣେ ନାଉରି ଠିକ୍ ଏତିକବେଳେ ସମସ୍ତଙ୍କୁ ଚେତେଇ ଦେଇ କହିଲା, "ଏ ଯେଉଁ ବାକ୍ସ ବାକ୍ସ ସୁନା ରହିଛି, ତାକୁ କଣ ଏତେ ଶୀଘ୍ର ଭୁଲିଗଲ ?"

ନାବକମାନଙ୍କ ମନ ପୁଣି ବଦଳିଗଲା । "ନା, ନା, ତା ଗୀତ ସରିଲେ ତାକୁ ନିଶ୍ଚୟ ପାଣିକୁ ପକାଇଦେବା"—ସମସ୍ତେ ଏକସ୍ୱରରେ କହିଉଠିଲେ । କିନ୍ତୁ ଏରିଅନ୍ ସେ ପର୍ଯ୍ୟନ୍ତ ଅପେକ୍ଷା କଲେ ନାହିଁ । ବୀଣାଖଣ୍ଡିକ ହାତରେ ଧରି ଆପେ ଆପେ ସମୁଦ୍ରକୁ ଡେଇଁ ପଡ଼ିଲେ । ଜାହାଜ ପୂର୍ବପରି ଆଗେଇ ଚାଲିଲା ।

ଏରିଅନ୍ କିନ୍ତୁ ମଲେ ନାହିଁ । ସମୁଦ୍ରର ଜୀବମାନେ ତାଙ୍କ ସଙ୍ଗୀତରେ ଆକୃଷ୍ଟ ହୋଇ ଜାହାଜ କଡ଼େ କଡ଼େ ଭାସି ଚାଲିଥିଲେ । ସେମାନେ ତାଙ୍କୁ ପାଣିରେ ବୁଡ଼ିବାକୁ ଦେଲେ ନାହିଁ । ଡମିଜାଟୟ ଗୋଟିଏ ସ୍ଥୋଟ ଡଲଫିନ୍ ସମସ୍ତଙ୍କୁ ଆଡ଼େଇ ଦେଇ କହିଲା, 'ମୁଁ ଏ ମହାତ୍ମାଙ୍କୁ ଏକା ଏକା ନେଇ କୂଳରେ ଛାଡ଼ିଦେଇ ଆସିବି ।" ଏହା କହି ସେ ଏରିଅନ୍ଙ୍କୁ ପିଠିରେ ବସାଇ ତୀରବେଗରେ ଛୁଟିଲା କୂଳଆଡ଼କୁ ।

କୂଳରେ ପହଞ୍ଚି ଡଲଫିନ୍‌କୁ ଆଉଁସିଦେଇ ଏରିଅନ୍ କହିଲେ, "ତୁ ସମୁଦ୍ରଜୀବ ନୋହୁଁ ସ୍ୱର୍ଗର ଦୂତ । ତୋତେ ବା ମୁଁ କି ଧନ୍ୟବାଦ ଦେବି ?" ଏଥର ତୋ ରାଜ୍ୟକୁ ତୁ ଫେରିଯା । ବିଦାୟ ।"

Digitized by srujanika@gmail.com

ଡଲ୍‌ଫିନ୍ ମାଛ ସମୁଦ୍ରଭିତରେ ଅଦୃଶ୍ୟ ହୋଇଗଲା । ଏରିଅନ୍ ଭଗବାନଙ୍କୁ ସ୍ମରଣ କରି କରି ରାଜଧାନୀକୁ ଚାଲିଲେ । କରିନ୍ଥ୍‌ରେ ପହଞ୍ଚିବାମାତ୍ରେ ସେ ସର୍ବପ୍ରଥମେ ରାଜାଙ୍କୁ ସାକ୍ଷାତ କଲେ । ଓଦାପୋଷାକ, ଶୁଖିଲା ମୁହଁ, କ୍ଳାନ୍ତ ଶରୀର—ଏଇ ଅବସ୍ଥାରେ ଏରିଅନ୍‌ଙ୍କୁ ଦେଖି ରାଜା ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କଠାରୁ ସମସ୍ତ ଘଟଣା ଶୁଣି ଦୁଃଖିତ ହୋଇ କହିଲେ, "ଜାନୁଆର ସେମାନେ, ମଣିଷ ନୁହନ୍ତି । ତୁମେ ଯାଅ ବନ୍ଧୁ, ଆଗେ ଖାଇ ପିଇ ବିଶ୍ରାମ କର ।"

ଦୁଇଦିନ ପରେ ସେ ଜାହାଜ ଆସି କୂଳରେ ଲାଗିଲା । ଖବର ପାଇ ରାଜା ନାବିକମାନଙ୍କୁ ଡକାଇଲେ ଏବଂ ପଚାରିଲେ, "ତୁମ୍ଭେମାନେ ସିସିଲିରୁ ଆସିଲ ବୋଲି ଶୁଣୁଛୁ । ଆଚ୍ଛା ଜାଣ କି ଆମର ପ୍ରସିଦ୍ଧ ଗାୟକ ଏରିଅନ୍ କେମିତି ଅଛନ୍ତି ?"

ନାଉରୀ ସର୍ଦ୍ଦାର କହିଲା, "ହଁ ମହିମା, ସେ ମହାସୁଖରେ ସେଠାରେ ଅଛନ୍ତି । ତାଙ୍କର ଭଲ ରୋଜଗାର ହେଉଛି । ସେ ବର୍ତ୍ତମାନ ଦେଶକୁ ଫେରିବାକୁ ଇଚ୍ଛା କରୁନାହାନ୍ତି । ବୋଧହୁଏ ସେଠାରେ ଘରଦ୍ୱାର କରି ରହିଯାଇପାରନ୍ତି ।"

Digitized by srujanika@gmail.com



ଠିକ୍ ଏତିକିବେଳେ ପରଦା ପଛରୁ ବାହାରି ଆସି ଏରିଅନ୍ ସେମାନଙ୍କ ଆଗରେ ଠିଆ ହୋଇଗଲେ । ରାଜା ତାଙ୍କ ଆଡ଼କୁ ଅଙ୍ଗୁଳି ଦେଖାଇ କହିଲେ, "ଚିହ୍ନି ପାରୁଛ ଏ କିଏ ?"

ନାବିକମାନେ ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ । ଏ କଣ ସତରେ ଏରିଅନ ନା ତାଙ୍କ ଭୂତ ! କି ସର୍ବନାଶ ! ନିଜର ଦଶା କଣ ହେବ ଭାବି ସେମାନେ ଭୟରେ ଥରିବାକୁ ଲାଗିଲେ । ସର୍ଦ୍ଦାର କହିଲା, "ଆମକୁ ରକ୍ଷା କରନ୍ତୁ, ମହିମା । ଆମେ ଘୋର ଅପରାଧ କରିଛୁ ।" ଏରିଅନ୍ କହିଲେ, "ତୁମ ଅପରାଧର ଶାସ୍ତି ନାହିଁ । ଯାଅ, ତୁମକୁ ଦଣ୍ଡ ଦେବାକୁ ମୁଁ ଚାହେଁ ନା; କିନ୍ତୁ ମୋ ଧନତକ ମୋତେ ଫେରାଇଦିଅ ।"

ନାବିକମାନେ ଭାବିଥିଲେ ରାଜା ନିଶ୍ଚୟ ସେମାନଙ୍କୁ ମୃତ୍ୟୁଦଣ୍ଡ ଦେବେ, ମାତ୍ର ଏରିଅନ୍ଙ୍କ ନିଷ୍ପତ୍ତି ଶୁଣି ତାଙ୍କ ପାଟିରୁ କଥା ବାହାରିଲା ନାହିଁ । ଛଳ ଛଳ ଆଖିରେ କ୍ଷମା ମାଗି ସେମାନେ ସୁନା ବାକ୍ସତକ ଆଣି ରାଜାଙ୍କ ଆଗରେ ଥୋଇଦେଲେ ଏବଂ ଏରିଅନ୍ଙ୍କୁ ଶତ ଧନ୍ୟବାଦ ଦେଇ ଯେ ଯାହାର ଘରକୁ ଗଲେ ।

Digitized by srujanika@gmail.com

ମୁକୁଟର ସଂଗୀତ

ଆଫ୍ରିକା ମହାଦେଶରେ ଇଜିପ୍ଟ ନାମରେ ଏକ ଦେଶ ଅଛି । ଅନେକ ବର୍ଷ ପୂର୍ବେ ସେ ଦେଶରେ ଖୁଫୁ ନାମରେ ଜଣେ ଦୁଷ୍ଟ ରାଜା ଥିଲେ । ସେ ଦିନେ ଶୁଣିଲେ ଯେ ତାଙ୍କ ରାଜ୍ୟରେ ଜଣେ ବିଖ୍ୟାତ ଯାଦୁକର ଅଛି । ସେ ଅଦ୍ଭୁତ ଯାଦୁବିଦ୍ୟା (କୁହୁକ ବା ମ୍ୟାଜିକ୍) ତ ଦେଖାଏ, ଭବିଷ୍ୟତରେ କଣ ଘଟିବ, ତାହା ମଧ୍ୟ କହିପାରେ । ଏହା ଶୁଣି ତାକୁ ଡକାଇବାକୁ ରାଜାଙ୍କର ମନ ହେଲା । ତାର ଯାଦୁଖେଳ ତ ଦେଖିବେ, ତା ଛଡ଼ା ତାଙ୍କର ଭବିଷ୍ୟତ ଜୀବନ କଥା ମଧ୍ୟ ତାଠାରୁ ଶୁଣିବେ ।

ରାଜାଙ୍କଠାରୁ ଡାକରା ପାଇ ଯାଦୁକର ହାଦି ଖୁବ୍ ଖୁସି ହୋଇ ରାଜନଅରକୁ ଆସିଲା । ସେଠାରେ ଦୁଇ ଦିନ ରହି ସେ ନାନାପ୍ରକାର ଅଦ୍ଭୁତ ଯାଦୁଖେଳ ଦେଖାଇଲା । ଖେଳ ଦେଖିସାରି ରାଜା ତାକୁ ପାଖକୁ ଡାକି କହିଲେ, "ସାବାସ୍ ହାଦି ! ତୁମ ମ୍ୟାଜିକ୍ ଦେଖି ବହୁତ ଖୁସି ହେଲି । କିନ୍ତୁ ମୁଁ ଶୁଣିପାରୁଛି ତୁମେ ଭବିଷ୍ୟତ କଥା ମଧ୍ୟ ଜାଣିପାର । ମୋ ଭବିଷ୍ୟତ ବିଷୟରେ କଣ ଜାଣିଛ ଟିକିଏ କହିଲ ।"

ହାଦି ହାତ ଯୋଡ଼ି କହିଲା, "ମଣିମା ! ଆପଣ ଓ ଆପଣଙ୍କ ପୁଅ ଆଜି କିଛିଦିନ ସୁଖରେ ରାଜତ୍ୱ କରିବେ, କିନ୍ତୁ ଆପଣଙ୍କ ନାତି ଭାଗ୍ୟରେ ସେ ସୁଖ ନାହିଁ ।"

ରାଜା କହିଲେ, "କାହିଁକି ? ସେ ଏତେ ବଡ଼ ଇଜିପ୍ଟ ଦେଶର ରାଜା ହେବ । ଧନଧାନ୍ୟ, ଦାସଦାସୀ, ସୈନ୍ୟସାମନ୍ତ, କିଛି ତାର ଅଭାବ ନ ଥିବ । ସେ ପୁଣି କାହିଁକି ସୁଖ ପାଇବ ନାହିଁ ?"

ହାଦି କହିଲା, "ହଜୁର ! ସେ ରାଜା ହେବେ ସତ, କିନ୍ତୁ ସିଂହାସନରେ ବସିବାର ମାସକ ପରେ ରାଜପୁରୋହିତଙ୍କର ତିନି ପୁଅ ତାଙ୍କ ସଙ୍ଗେ ଯୁଦ୍ଧ କରି ତାଙ୍କଠାରୁ ରାଜ୍ୟ ଛଡ଼ାଇ-ନେବେ । ତାପରେ ସେମାନେ ଜଣକପରେ ଜଣେ ରାଜା ହୋଇ ରାଜ୍ୟଶାସନ କରିବେ ।"

Digitized by srujanika@gmail.com

ଏହା ଶୁଣିବାମାତ୍ରେ ରାଜାଙ୍କ ମନରୁ ସବୁ ଆନନ୍ଦ ଉଭେଇଗଲା । କିଛିକ୍ଷଣ ଚୁପ୍ ହୋଇ ବସି ସେ ଉପାୟ ଚିନ୍ତା କରିବାରେ ଲାଗିଲେ । 'ପୁରୋହିତଙ୍କ ତିନି ପୁଅଙ୍କୁ ମାରିଦେଲେ ତ କଣ୍ଟା ଯିବ ।' ଏହା ଭାବି ସେ ହାବଲୁ ପଚାରିଲେ, "ପୁରୋହିତଙ୍କ ପୁଅମାନେ କେତେବଡ଼ ହେଲେଣି ?" ଯାଦୁକର କହିଲା, "ସେମାନେ ଏ ପର୍ଯ୍ୟନ୍ତ ଜନ୍ମ ହୋଇନାହାନ୍ତି ।"

ରାଜା ପୁଣି ପଚାରିଲେ, "ତୁମେ ଯେତେବେଳେ ଭବିଷ୍ୟତ କଥା ଜାଣିପାରୁଛ, ନିଶ୍ଚେ କହିପାରିବ ସେମାନେ କେବେ ଜନ୍ମ ହେବେ । ତାହା ଜାଣିଲେ ମୁଁ ମଝିରେ ମଝିରେ ସେମାନଙ୍କୁ ଦେଖି ଆସୁଥିବି ଏବଂ ସେମାନଙ୍କର ବିଶେଷ ଯତ୍ନ ନେବି । ଇଜିପ୍ଟର ଭବିଷ୍ୟତ ରାଜାମାନଙ୍କୁ ଭଲ ମଣିଷରୂପେ ଗଢ଼ିବା ଦରକାର ନୁହେଁ କି ?"

ହାବଲୁ ସେ କଥା ଯେ ଜଣା ନ ଥିଲା ତା ନୁହେଁ; କିନ୍ତୁ ସେ ରାଜାଙ୍କ ମନ ଉଦ୍ଦେଶ୍ୟ ଅନୁମାନ କରି କହିଲା, "ମତେ ବର୍ତ୍ତମାନ ସେ କଥା ଜଣା ପଡୁନାହିଁ, କିନ୍ତୁ ଯଥା-ସମୟରେ ଆସି ମୁଁ ସେ କଥା ଆପଣଙ୍କୁ ଜଣାଇବି ।" ରାଜା ତା କଥାରେ ବିଶ୍ୱାସ କରି ତାକୁ ଉପଯୁକ୍ତ ପୁରସ୍କାର ଦେଇ ବିଦାୟ କଲେ ।

Digitized by srujanika@gmail.com

କିଛି ଦିନପରେ ସତକୁ ସତ, ପୁରୋହିତଙ୍କର ତିନୋଟି ପୁଅ ଜନ୍ମ ହେଲେ । ହାଡି ସାଙ୍ଗେ ସାଙ୍ଗେ ତାଙ୍କ ଘରକୁ ଆସି ସାବଧାନ କରି ଦେଇଗଲା ଏବଂ ପୁଅ ହେବା କଥା କାହାକୁ ନ ଜଣାଇ ଗୁପ୍ତ ରଖିବାକୁ ପରାମର୍ଶ ଦେଇଗଲା । ରାଜା ଏକଥା ଜାଣିଲେ କି ବିପଦ ଘଟିବ ତାହା ମଧ୍ୟ କହିଦେଲା । ତେଣୁ ସତ କଥା ପ୍ରକାଶ ନ କରି ପୁରୋହିତେ ଗୁରୁଆଡ଼େ ପ୍ରଚାର କଲେ ଯେ ସେ ତାଙ୍କର ତିନୋଟି ଭଣଜାଙ୍କୁ ଘରେ ରଖି ପାଳୁଛନ୍ତି ।

ପୁରୋହିତେ ସୂର୍ଯ୍ୟଦେବତାଙ୍କର ଜଣେ ବଡ଼ ଭକ୍ତ ଥିଲେ । ସେ ପ୍ରତିଦିନ ତାଙ୍କୁ ପୂଜା କରି ପ୍ରାର୍ଥନା କରନ୍ତି, "ହେ ଦେବତା ! ଆମ ପିଲାମାନଙ୍କୁ ଏ ଦୁଷ୍ଟ ରାଜା ହାତରୁ ରକ୍ଷାକର । ସେମାନେ ଭଲ ମଣିଷ ହୋଇ ଇନ୍ଦ୍ରପ୍ରସ୍ଥର ରାଜା ହୁଅନ୍ତୁ ଏବଂ ପ୍ରଜାମାନଙ୍କୁ ସୁଖରେ ପାଳନ କରନ୍ତୁ ।"

ସୂର୍ଯ୍ୟଦେବତା ତାଙ୍କ ପ୍ରାର୍ଥନା ଶୁଣିଲେ । ଦିନେ ପୁରୋହିତେ ଏକୁଟିଆ ତାଙ୍କ ଦାଣ୍ଡ ପିଣ୍ଡାରେ ବସିଛନ୍ତି, ଦେଖିଲେ ଗୁରିଜଣ ସୁନ୍ଦରୀ ଝିଅ ଓ ଜଣେ ପୁଅ ଗୀତ ଗାଇ ଓ ନାଚ ନାଚ ତାଙ୍କ ଘରକୁ ଆସୁଛନ୍ତି । ସେ ତାଙ୍କ ସ୍ତ୍ରୀଙ୍କୁ ଡାକି କହିଲେ, "ମୁଁ ତ ଚୁପ୍‌ଚାପ୍ ଆଜି ଆମ ପିଲାଙ୍କ ଜନ୍ମଦିନ ପାଳିବି ବୋଲି କାହାକୁ କିଛି ଖବର ଦେଇ ନ ଥିଲି । ଏ ନାଚ ପିଲାମାନେ କେଉଁଠୁ ଆସିଲେ ? ଯାହାହେଉ, ଆମର ବଡ଼ ଭାଗ୍ୟ ଯେ ଏମାନେ ସ୍ୱୟଂ ସ୍ୱୟଂ ଆସି ଏ ଶୁଭଦିନରେ ନାଚଗୀତ ଶୁଣାଇଲେ । ଏମାନଙ୍କୁ ଘର ଭିତରକୁ ଡାକିନିଅ, ପିଲାମାନଙ୍କୁ ଆଶୀର୍ବାଦ କରିଯାନ୍ତୁ ।"

ପୁରୋହିତଙ୍କ ସ୍ତ୍ରୀ ନାଚ ପିଲାମାନଙ୍କୁ ଘରଭିତରକୁ ଡାକିନେଲେ । ଯେଉଁ ଘରେ ତାଙ୍କ ପିଲା ତିନୋଟି ଶୋଇଥିଲେ, ସେ ଘର ଦେଖାଇଦେବାରୁ ସେମାନେ ଭିତରକୁ ପଶିଯାଇ କବାଟ ବନ୍ଦ କରିଦେଲେ ।

ପ୍ରଥମ ଝିଅଟି ପିଲାଙ୍କୁ ଗୁହିଁ କହିଲା, "ତୁମ୍ଭମାନଙ୍କର ମଙ୍ଗଳ ହେଉ ।" ଦ୍ୱିତୀୟ ଜଣକ କହିଲା, "ଜଣକ ପରେ ଜଣେ ତୁମେ ଇନ୍ଦ୍ରପ୍ରସ୍ଥର ରାଜା ହେବ ।" ତୃତୀୟ ଝିଅ କହିଲା, "ରାଜା ଖୁଫୁ ତୁମର କିଛି ଅନିଷ୍ଟ କରିପାରିବେ ନାହିଁ ।"

Digitized by srujanika@gmail.com

ଶେଷଜଣକ କହିଲା, "ବୁଦ୍ଧି, ବଳ ଓ ସ୍ୱଭାବରେ ତୁମେ ସମସ୍ତଙ୍କଠାରୁ ଶ୍ରେଷ୍ଠ ହେବ ।" ସବାଶେଷରେ ପୁଅଜଣକ କହିଲା, "ଏହି ଦେବୀମାନେ ଯାହା କହିଲେ, ସବୁ ସତ ହେବ ।"

ଏହାପରେ ପାଞ୍ଚଜଣଯାକ ଘରୁ ବାହାରି ଆସି ଚାଲିଯିବାକୁ ବସିଲେ । ସେମାନେ ଯିବାପୂର୍ବରୁ ପୁରୋହିତେ ସେ ଦେଶର ପ୍ରଥା ଅନୁଯାୟୀ ବସ୍ତାଏ ବାର୍ଲି ସେମାନଙ୍କୁ ଉପହାରଂ ଦେଲେ । ବସ୍ତାଟିକୁ ଧରି ସେମାନେ ସେଠାରୁ ବିଦାୟ ନେଲେ ।

କିଛି ବାଟ ଯିବାପରେ ଜଣେ ଝିଅ କହିଲା, 'ଆମେ ସ୍ୱର୍ଗର ଦେବଦେବୀ ବୋଲି ସେମାନେ ତ ଜାଣିଲେ ନାହିଁ । ଗୋଟାଏ କିଛି ଉପାୟ କରିବାକୁ ହେବ । ତାପରେ ସମସ୍ତେ ବିସ୍ମୁର କରି ସାଙ୍ଗେ ସାଙ୍ଗେ ତିନୋଟି ସୁନା ରାଜମୁକୁଟ ତିଆରି କଲେ । ଦେବତାଙ୍କ ପକ୍ଷରେ କଅଣ ବା ଅସମ୍ଭବ ! ମୁକୁଟଗୁଡ଼ିକୁ ବସ୍ତା ଭିତରେ ପୂରାଇଦେଇ ସେମାନେ ପବନଦେବତାଙ୍କୁ ସ୍ମରଣ କରିବାରୁ ଜୋର୍‌ରେ ଝଡ଼ପବନ ଆରମ୍ଭ ହେଲା । ସେଇ ଝଡ଼ରେ ସେମାନେ ପୁରୋହିତଙ୍କ ଘରକୁ ଫେରିଯାଇ କହିଲେ, "ଏ ବସ୍ତାଟି ବର୍ତ୍ତମାନ ଆପଣ ରଖିଥାନ୍ତୁ । ଝଡ଼ ଛାଡ଼ିଗଲେ



Digitized by srujanika@gmail.com

ଆମ୍ଭେମାନେ ପୁଣି ଆସି ଏହାକୁ ନେଇଯିବୁ ।" ପୁରୋହିତ ଭାବିଲେ—ସତରେ, ଝିଅବେଳେ ବସ୍ତାଟାକୁ ବୋହିନେବାକୁ କଷ୍ଟ ହେଉଥିବ । ତେଣୁ ଗୃହିଣୀଙ୍କୁ ଡାକି କହିଲେ, 'ଭଣ୍ଡାର-ଘରେ ଏ ବସ୍ତାଟିକୁ ନେଇ ରଖିଦେଇଥା ।"

ସ୍ୱର୍ଗର ଦେବଦେବୀ ସ୍ୱର୍ଗକୁ ଚାଲିଗଲେ । ଦିନ ପରେ ଦିନ ଅପେକ୍ଷା କରି କରି ପୁରୋହିତଙ୍କ ଆଖିରୁ ପାଣି ମଲା । ନାଗ ପିଲମାନେ ଆଉ ଫେରିଲେ ନାହିଁ । କ୍ରମେ ସେ ବାଲି-ବସ୍ତା କଥା ସମସ୍ତେ ଭୁଲିଗଲେ ।

କିଛିଦିନ ପରେ ଗୋଟାଏ କଣ କାର୍ଯ୍ୟ ପାଇଁ ପୁରୋହିତଙ୍କର କିଛି ବାଲି ଆବଶ୍ୟକ ହେଲା । ଖୋଜି ଖୋଜି କୌଣସିଠାରେ ବାଲି ନ ପାଇ ତାଙ୍କ ଗୃହିଣୀ ଆସି କହିଲା, "ଭଣ୍ଡାରଘରେ ସେଇଁ ବାଲି ବସ୍ତାକ ଅଛି, ତା ଛଡ଼ା ଘରେ କି ଦୋକାନରେ ଆଉ କାଲି କେଉଁଠି ନାହିଁ ।" ପୁରୋହିତଙ୍କର ସେ କଥା ମନେ ନ ଥିଲା । ସେ କହିଲେ, "ଆଚ୍ଛା ହଉ, ସେଇ ବାଲି ବସ୍ତାରୁ ଆଣି ବର୍ତ୍ତମାନ ବ୍ୟବହାର କର । ସେମାନେ ଆସିଲେ ମୁଁ ସେମାନଙ୍କୁ ଆଉ ବସ୍ତାଏ ବାଲି ଦେଇଦେବି ।"

ଗୃହିଣୀ ଘରକୁ ପଶିଗଲା ମାତ୍ରେ ତାକୁ ଶୁଣାଗଲା ଗୀତ ଓ ଘୁଙ୍ଗୁରର ଶବ୍ଦ । ଚକିତ ହୋଇ ସେ ପଦାକୁ ବାହାରି ଆସି ଡାକ ପକାଇଲା, 'ମା, ମା, ଗୋଟାଏ ଅଦ୍ଭୁତ କଥା



Digitized by srujanika@gmail.com

ଶୁଣିବ ଆସ । ଭଣ୍ଡାରଘରୁ କଣ ନାଚଗୀତର ଶବ୍ଦ ଶୁଭୁଛି !" ପୁରୋହିତଙ୍କ ସ୍ତ୍ରୀ ସ୍ୱାମୀଙ୍କୁ ଡାକ ନେଇ ଦଉଡ଼ିଗଲେ ଦେଖିବାକୁ । ସତକୁ ସତ, ସେଦିନ ନାଚପିଲାମାନେ ଯେଉଁ ଗୀତ ଗାଉଥିଲେ, ଠିକ୍ ସେଇ ଗୀତ ଓ ନାଚର ଶବ୍ଦ ବସ୍ତା ଭିତରୁ ଶୁଣାଯାଉଛି ।

ପୁରୋହିତ ଆଶ୍ଚର୍ଯ୍ୟ ହୋଇ ବସ୍ତା ଖୋଲିଲେ । ସଙ୍ଗେ ସଙ୍ଗେ ଶବ୍ଦ ବନ୍ଦ ହୋଇଗଲା । ତା ଭିତରେ ତିନୋଟି ସୁନା ମୁକୁଟ ଥିବାର ଦେଖି ସେ କହିଲେ, "ବାସ୍ତବିକ ଆମେ ବଡ଼ ଭାଗ୍ୟବାନ । ସେଦିନ ଯେଉଁ ପିଲାମାନେ ଆସିଥିଲେ ସେମାନେ ମଣିଷ ନୁହନ୍ତି, ଦେବତା । ସୂର୍ଯ୍ୟଦେବ ଆମ ଗୁହାରି ନିଶ୍ଚୟ ଶୁଣିଛନ୍ତି ।" ବାର୍ଲି ବସ୍ତା କଥା ଘୁଙ୍କରାଣୀ ଛଡ଼ା ଆଉ କେହି ଜାଣି ପାରିଲେ ନାହିଁ । କାଳେ ରାଜା ଜାଣିଲେ କିଛି ଅନର୍ଥ କରିବେ ସେଥିପାଇଁ ସବୁ ଗୁପ୍ତ ରଖାଗଲା ।

ଦିନେ ପୁରୋହିତଙ୍କ ସ୍ତ୍ରୀ କୌଣସି କାରଣରୁ ଦାସୀ ଉପରେ ବିରକ୍ତ ହେବାରୁ ଦୁଷ୍ଟା ଭାବିଲା, "ମୁଁ ଯେଉଁ ଗୁପ୍ତ କଥା ଜାଣିଛି, ତାହା ଯଦି ରାଜାଙ୍କ କାନକୁ ନିଏ, ମତେ ପ୍ରଚୁର ପୁରସ୍କାର ମିଳିବ । ଏମିତି ଘୁଙ୍କର ଖଟି ଗାଳି ଶୁଣିବି କାହିଁକି ?" ଏହା ଭାବି ସେ ଘରକୁ ଯାଇ ତା ବାପକୁ କହିଲା, "ତୁମେ ଶୀଘ୍ର ରାଜାଙ୍କ ଆଗରେ ପୁରୋହିତ ଘର ପୁଅ କଥା କହିଦିଅ । ସେ ଆମକୁ ନିଶ୍ଚୟ ପୁରସ୍କାର ଦେବେ ।" ମାତ୍ର ତା ବାପ ଏଥିରେ ରାଜି ନ ହୋଇ କହିଲା, "ଦେବତା ଯଦି ପୁରୋହିତଙ୍କ ପୁଅଙ୍କୁ ରାଜା କରିବାକୁ ଚାହୁଁଥିବେ, କେହି ସେଥିରେ ବାଧା ଦେଇ ପାରିବେ ନାହିଁ । ଆମେ କାହିଁକି ନିମକହାରାମ ହେବା ? ତୁ ଫେରି ଯା ତୋ ପୁରୁଣା ଖାଉନ୍ଦ ପାଖକୁ ।"

ଘୁଙ୍କରାଣୀ ନିରାଶ ହୋଇ ମାଳନଦୀ କୂଳରେ ବସି ଭାବିଲା କଣ କରିବ । ରାତିର ଅନ୍ଧାର ମାଡ଼ି ଆସୁଥାଏ । ଏତିକିବେଳେ ଗୋଟାଏ କୁମ୍ଭୀର ତାକୁ ଘୋଷାରି ନେଇ ଗଭୀର ପାଣିକୁ ଚାଲିଗଲା । ଇଜିପ୍ଟର ଲୋକେ କହନ୍ତି—ସେ ପ୍ରକୃତ କୁମ୍ଭୀର ନୁହେଁ, ସ୍ୱର୍ଗର ଦେବତା ତାକୁ ଶାସ୍ତି ଦେବାପାଇଁ କୁମ୍ଭୀର ରୂପରେ ଆସିଥିଲେ ।

କାଳକ୍ରମେ ପୁରୋହିତଙ୍କ ପୁଅମାନେ ବଡ଼ ହୋଇ ଦୁଷ୍ଟ ରାଜାଙ୍କ ନାତିକୁ ଯୁଦ୍ଧରେ ହରାଇଦେଲେ ଏବଂ ଜଣକ ପରେ ଜଣେ ରାଜା ହୋଇ ସୁଖରେ ରାଜ୍ୟ ଶାସନ କଲେ । □

Digitized by srujanika@gmail.com